

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୦୪ ଅଗଷ୍ଟ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 04 AUGUST 2021

Vol.No. 32 ■ No. 199 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



# JOGENDRA

## HIGHER SECONDARY SCHOOL
## ANKO , RUPSA , BALASORE

AFFLIATED TO CHSE ,ODISHA.

RECOGNISED BY GOVT. OF ODISHA

## +2 SCIENCE & ARTS

ADMISSION OPEN..

ADMISSION OPEN...




## OUR PRIDE & C.H.S.E ACHIEVERS-2021




Contact : 9938532252 ● 9668019719

9937533095 ● 8658401006

e-mail : jrcrupsa@gmail.com

100% RESULT

# ଲୁଙ୍ଗା ପଂଚାୟତ ବିକାଶ ପରିଷଦ ପକ୍ଷରୁ ବିଜୟୀ ବିଜୟଶ୍ରୀ ଉନ୍ମୋଚିତ



ବାସୁଦେବପୁର,୩/୮ (ନି.ପ୍ର): ବାସୁଦେବପୁର ବ୍ଲକର ଏଡ଼ତାଳ ଜଗନ୍ନାଥ ମନ୍ଦିର ପରିସରରେ ଲୁଙ୍ଗା ପଂଚାୟତ ବିକାଶ ପରିଷଦର ୫ମ ବାର୍ଷିକ ଉତ୍ସବ ପାଳନ ଅବସରରେ ଓଡ଼ିଶାର ବିଶିଷ୍ଟ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ବିଜୟ ବିଜୟଶ୍ରୀର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବିଶିଷ୍ଟ ଶିକ୍ଷାବିତ୍ ପଣ୍ଡିତ ଦୟାନିଧି ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁରର ବିଧାୟକ ବିଷ୍ଣୁବ୍ରତ ରାଉତରାୟ। ଶ୍ରୀ ରାଉତରାୟ ଉତ୍ସବକୁ ଉଦଘାଟନ କରିବା ସହିତ ଲୋକମାନଙ୍କର ସମସ୍ୟାକୁ ବୁଝି ସେବା କରିବା ପାଇଁ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଭଦ୍ରକ ତ୍ୟାଗଭୂମିର ସଭାପତି ଅଜୟ ନାୟକ ଯୋଗଦେଇ ଲୁଙ୍ଗା ପଂଚାୟତ ବିକାଶ ପରିଷଦର ସୁନ୍ଦର ଉଦ୍ୟମକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ବରିଷ୍ଠ ନେତା ପ୍ରଶାନ୍ତ ନାୟକ, ଜୟକୃଷ୍ଣ ନାୟକ, ସମାଜସେବୀ ବସନ୍ତ ନାୟକ, ବିଜେଡ଼ିର ବ୍ଲକ ସଭାପତି ଦୀନବନ୍ଧୁ ଦାସ, ବିଧାୟକଙ୍କ ପ୍ରତିନିଧି ଅସିତ କୁମାର ଦାଶ। ଏହି ଅବସରରେ ଶିକ୍ଷା, ସାହିତ୍ୟ, କଳା ସଂସ୍କୃତି ଓ ସମାଜସେବା କ୍ଷେତ୍ରରେ ବିଶିଷ୍ଟ ପ୍ରତିଭା ନାରାୟଣ ମଣ୍ଡଳ, ହରେକୃଷ୍ଣ ନାୟକ, ଦେବେନ୍ଦ୍ରଦ ନାୟକ, ଇନ୍ଦ୍ରମଣି ଦାସ, ଅମୂଲ୍ୟରତ୍ନ ସାହୁ, ବାଇଧର ବେହେରା, ଅଭିମନ୍ୟୁ ନାୟକ ପ୍ରମୁଖଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ଓ ଉପଢ଼ୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ଏଡ଼ତାଳ ପାବନ କ୍ଷେତ୍ରରେ ବିଜୟଶ୍ରୀ ରାଉତରାୟଙ୍କ ସ୍ମୃତିରେ ପାନୀୟଜଳ ପ୍ରକଳ୍ପକୁ ମୁଖ୍ୟ ଅତିଥି ବିଷ୍ଣୁବ୍ରତ ରାଉତରାୟ ଉଦଘାଟନ କରିଥିଲେ। ଲୁଙ୍ଗା ପଂଚାୟତ ବିକାଶ ପରିଷଦରଦ ସଭାପତି ଦେବଦର୍ଶନ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲାବେଳେ ସଂପାଦକୀୟ ବିବରଣୀ ପାଠ କରିଥିଲେ ଶରତ ନାୟକ। ରମେଶ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସମସ୍ତଙ୍କୁ ପ୍ରସାଦ ବଂଟନ କରାଯାଇଥିଲା।

# ନାବାଳିକାଙ୍କୁ ଥାନାଧିକାରୀଙ୍କ ମାଡ : ଏସପିଙ୍କ ନିକଟରେ ଅଭିଯୋଗ

କୋରେଇ,୩/୮ (ନି.ପ୍ର): ଥାନାଧିକାରୀ ନାବାଳିକାକୁ ମାଡ ମାରିବା ଭଳି ଅଭିଯୋଗ ଏସପିଙ୍କ ନିକଟରେ ହୋଇଛି। ଅଭିଯୋଗ ମୁତାବକ, ଯାଜପୁର ଜିଲ୍ଲା ବରୀ-ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ କ୍ଷେମେଶ୍ୱର ଗ୍ରାମର ଦିଲ୍ଲିପ କୁମାର ନାୟକ ଓ ପ୍ରଫୁଲ୍ଲ ନାୟକଙ୍କ ପରିବାର ମଧ୍ୟରେ ମାମଲା ଦୀର୍ଘ ବର୍ଷ ହେବ ଜାରି ରହିଛି। ଦିଲ୍ଲୀପ ଘରେ ନଥିବା ଅବସ୍ଥାରେ ଗତ ଜୁଲାଇ ୧୬ ତାରିଖ ପ୍ରଫୁଲ୍ଲଙ୍କ ପତ୍ନୀ ନିର୍ମଳା ଓ ତାଙ୍କ ପୁଅ ପ୍ରତ୍ୟୁଷ ଓ ନାତୁଣୀ ପ୍ରିୟଙ୍କା ଆସି ଗାଳିଗୁଲଜ ଆରମ୍ଭ କରିଥିଲେ। ପାଟିଶୁଣି ସେଠାରେ ଦିଲିପଙ୍କ ସ୍ତ୍ରୀ ଓ ବଡ ଝିଅ ମମତା ସେଠାରେ ପହଂଚିବାରୁ ତାଙ୍କୁ ଗାଳି କରିବା ସହ ଟଣାଘୋଷଣା କଲେ। ଏନେଇ ମମତା ଥାନାରେ ଅଭିଯୋଗ କରିବାରୁ ପୁଲିସ ମାମଲା ରୁଜୁ କରିବା ପରିବେର୍ତ୍ତ ଚୁପ୍ ହୋଇ ବସିଲା। ପ୍ରଫୁଲ୍ଲଙ୍କ ସ୍ତ୍ରୀଙ୍କ ମିଥ୍ୟା ଅଭିଯୋଗ କ୍ରମେ ୧୮ ତାରିଖ ଦିଲିପଙ୍କୁ ଥାନାକୁ ଡକାଇନେଲେ। ୧୯ ତାରିଖ ଦିଲ୍ଲିପର ସ୍ତ୍ରୀ ଓ ଝିଅକୁ ପୁଲିସ ଉଠାଇ ନେଇ ବାପ,ମା, ଝିଅ ତିନି ଜଣଙ୍କୁ କୋର୍ଟଚାଲାଣ କଲେ। ଗୋଟିଏ ଘଟଣାରେ ପ୍ରଥମ ଅଭିଯୋଗରେ ମାମଲା ରୁଜୁ ନକରି ଉଦ୍ଦେଶ୍ୟମୂଳକ ଭାବେ ପକ୍ଷପାତିତା କରି ପରିବାରର ତିନି ଜଣଙ୍କୁ ମିଥ୍ୟା ମାମଲାରେ କୋର୍ଟ ଚାଲାଣ କରିବା ନେଇ ପ୍ରଶ୍ନ ଉଠାଇଛନ୍ତି ଦିଲିପଙ୍କ ପରିବାର। କୋର୍ଟ ଚାଲାଣ ପରେ ପୁଲିସର ମନ ମାନିନଥିଲା। ସେହିଦିନ ବରୀ ଥାନାଧିକାରୀ ସଦଳବଳେ ଦିଲ୍ଲିପ ଘରେ ପହଂଚିଥିଲେ। ସେଠାରେ ପହଂଚିବା ପରେ ଦିଲିପର ସାନଝିଅ ପୂଜାରାଣୀଙ୍କୁ ଖୋଦ ଥାନାଧିକାରୀ ସମେତ ମହିଳା କର୍ମଚାରୀ ମାଡ ମାରଥିଲେ। ଏମିତିକି ତାଙ୍କର ୧୩ ଓ ୧୦ ବର୍ଷର ପୁଅ ମଧ ପ୍ରତିବାଦ କରି ପୁଲିସ ଅକ୍ରୋଶର ଶିକାର ହୋଇଥିଲେ। ମାଡ ମାରିବା ସହ ପ୍ରଫୁଲ୍ଲର ସ୍ତ୍ରୀକୁ ଡାକି ଗଡରେଜ ଭାଙ୍ଗି ନଗଦ ୩୦ ହଜାର ଟଙ୍କା, ୩୦ ଗ୍ରାମ ସୁନା, ରୂପା, ମୋବାଇଲ ଫୋନ, ୨ଟି ବାଇକ୍ ଓ ଅନ୍ୟାନ୍ୟ ସମାଗ୍ରୀ ଆଦି ନେଇଯାଇଥିଲେ। ଥାନାଧିକାରୀଙ୍କ ଉପସ୍ଥିତିରେ ପ୍ରତ୍ୟୁଷ ନାୟକ, ସୁଷମା ନାୟକ, କାଳିଆ ପଢିଆରୀ, ଦେବରାଜ ନାୟକ, ଶ୍ରୀକାନ୍ତ ସାମଲ, ଭରତ ସାମଲ, ଉଦୟ ସାମଲ, ଅଜୟ ସାମଲ, ଲକ୍ଷ୍ମୀଧର ସାମଲ, ସୁଧାଂଶୁ ସାମଲ, ଟିଟନ ନାୟକ, ସୁବାଷ ନାୟକ, ସୁଦର୍ଶନ ପଢୀଆରୀ, ଲକ୍ଷ୍ମୀ ପତି, ରେବତୀ ପତି ମିଳିତ ଭାବେ ବାଡିରେ ପଶି ସଜନା ଗଛ, ପିଜୁଳି ଗଛ, ଚାକୁଣ୍ଡା ଗଛ, ବଉଳ ଗଛ, ଅମୃତଭଣ୍ଡା ଗଛ ଓ ବିଭିନ୍ନ ଫୁଲ ଗଛକୁ ହାଣିବା ସହ ଘେରା ଜାଲକୁ ଛିଡାଇ ୨୦ଟି ଦେଶୀ କୁକୁଡା ନେଇଗଲେ। ପୁଲିସର ଏଭଳି ଗୁଣ୍ଡା ରାଜ ଓ ନାବାଳିକାକୁ ମାଡ ମାରିବା ନେଇ ଏସପିଙ୍କୁ ଅଭିଯୋଗ କରିଛନ୍ତି ନାବାଳିକା ଓ ପରିବାର ଲୋକେ।

# ବିଜେପି ଯୁବ ମୋର୍ଚ୍ଚାର ନୂତନ ପଦାଧିକାରୀଙ୍କ ନାମ ଘୋଷଣା

କେନ୍ଦ୍ରାପଡ଼ା,୩/୮ (ନି.ପ୍ର): ଭାରତୀୟ ଜନତା ପାର୍ଟି ଯୁବ ମୋର୍ଚ୍ଚା କେନ୍ଦ୍ରାପଡା ଜିଲ୍ଲା ସଭାପତି ବିନ୍ଦୁ ସାଗର ଦାସ ଜିଲ୍ଲାରେ ସଂପ୍ରସାରିତ ଟିମ୍ ଘୋଷଣା କରିଛନ୍ତି। ଏହି ଉପଲକ୍ଷେ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା, ରାଜ୍ୟ ସଂପାଦକ ଡ଼ଃ ପ୍ରକାଶ ଦଳାଇ ଜିଲ୍ଲା ସାଧାରଣ ସଂପାଦକ ଅଭିମନ୍ୟୁ ଗୋଛାୟତ ପ୍ରମୁଖ ଯୁବମୋର୍ଚ୍ଚା ର ଭୂମିକା ଓ ଆଗାମୀ ଯୋଜନା ସଂପର୍କରେ ମତବ୍ୟକ୍ତ କରିଥିଲେ। ଏହି ବୈଠକରେ ଯୁବମୋର୍ଚ୍ଚା ସୋସିଆଲ ମିଡିଆ ମନୋଜ ଦାସ, ମିଡିଆ ସେଲ ରାଜେନ୍ଦ୍ର କୁମାର ମହାପାତ୍ର, ଆଇଟି ସେଲ ସଂଯୋଜକ ଜିତେନ୍ଦ୍ର ନାୟକଙ୍କ ସହ ଅମ୍ବିକା ଶେଖର ପଟ୍ଟନାୟକ, ବାମଦେବ ଓଝା, ଦିଲିପ ଗୋଛାୟତ, ଦେବାଶିଷ ମଲିକ, ଆଶିଷ ବାରିକ, ଚିତ ରଞ୍ଜନ ସେଠୀ, ଅଂଶୁମାନ ବାରିକ, ହିମାଂଶୁ ଶେଖର ପଣ୍ଡା, ପ୍ରତି ରଞ୍ଜନ ଦାସ, ରତ୍ନାକର ସେଠୀ, ପ୍ରିୟତୋଷ ପଣ୍ଡା, ସନ୍ତୋଷ ମଲିକ, ମାନସ ପତି, ସତ୍ୟ ସାମଲ, ଚିନ୍ମୟୀ ପାତ୍ର, ଦେବବ୍ରତ ବଳ ପ୍ରମୁଖଙ୍କୁ ନିଯୁକ୍ତି ଦିଆଯାଇଛି।

# ଫୁଲବାଣୀରେ ମାଉଜର ଦେଖାଇ ଲକ୍ଷାଧିକ ଟଙ୍କା ସମେତ ଗହଣା ଲୁଟ୍

କନ୍ଧମାଳ ,୩/୮ (ନି.ପ୍ର): ଫୁଲବାଣୀ ସ୍ଥିତ ପଟାବାଲି ସାହିରେ ଜଣେ ବ୍ୟବସାୟୀଙ୍କ ଘରେ ପଶି ଲୁଟେରା ମାନେ ଘର ମାଲି ଏକୁଟିଆ ଥିବାବେଳେ ତାଙ୍କୁ ମାଉଜର ଦେଖାଇ ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇ ତାଙ୍କ ଘରେ ଥିବା ଲାକ୍ଷାଧିକ ଟଙ୍କା ସମେତ ୫୦ ତୋଳା ସୁନା ଗହଣା ଏବଂ ଅନ୍ୟାନ୍ୟ ଜିନିଷ ଲୁଟି ନେଇଥିବା ଜଣାପଡିଛି। ସୂଚନା ଅନୁସାରେ ଫୁଲବାଣୀର ପୁରାତନ ବ୍ୟବସାୟୀ ତଥା ଶିଳ୍ପପତି ପ୍ରଶାନ୍ତ କୁମାର ପାଣିଗ୍ରାହୀଙ୍କ ପଟାବାଲି ସାହିରେ ଥିବା ବାସ ଭବନରେ ଗତ ରବିବାର ପ୍ରାୟ ୧୦ଟା ରାତିରେ ତାଙ୍କ ପୁଅ ବୋହୁ ଘରେ ନଥିବା ସ୍ଥଳେ ୩ ଜଣ ଦୁର୍ବୃତ ତାଙ୍କ ଘରେ ପଶିବା ସହିତ ତାଙ୍କୁ ମାଉଜର ଦେଖାଇ ତାଙ୍କ ମୁଣ୍ଡରେ ମାଉଜର ବଟରେ ଆଘାତ କରିବା ସହିତ ଜୀବନରେ ମାରିଦେବାକୁ ଧମକ ଦେଇ ଘରେ ଟଙ୍କା ସୁନା କେଉଁଠାରେ ଅଛି ବୋଲି ପଚାରିଥିଲେ। ତାଙ୍କ ଘରେ ଥିବା ଆଲମିରାରୁ ପ୍ରାୟ ୫୦ ତୋଳା ସୁନା ଗହଣା ଏବଂ ଲକ୍ଷାଧିକ ଟଙ୍କା ଲୁଟି ନେଇଛନ୍ତି। ଖବର ପାଇ ଫୁଲବାଣୀ ଏସଡିପିଓ ମହେନ୍ଦ୍ର କୁମାର ମୁର୍ମୁ,ଟାଉନ ଥାନା ଅଧିକାରୀ ଶୁସାନ୍ତ କୁମାର ସେଠୀ ସଦଳବଳେ ଘଟଣା ସ୍ଥଳରେ ପହଂଚି ଘଟଣାର ତଦନ୍ତ କରିଛନ୍ତି। ଆଜି ସକାଳେ ପୋଲିର ସାଇଣ୍ଟିଫିକ ଦଳ ଏବଂ ସନ୍ଧାନୀ କୁକୁର ଦଳ ସେଠାରେ ପହଂଚି ଅନୁସନ୍ଧାନ କରିଛନ୍ତି।

## ଚାକିରି ବୟସ ସୀମା ବୃଦ୍ଧି ନେଇ ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ

କନ୍ଧମାଳ,୩/୮ (ନି.ପ୍ର): କନ୍ଧମାଳ ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ସରକାରୀ ଚାକିରୀ ବୟସ ସୀମା ୩୨ବର୍ଷରୁ ୪୨ବର୍ଷକୁ ବୃଦ୍ଧି କରିବାକୁ ଦାବୀ କରି ବିକ୍ଷୋଭ କରିଥିଲେ। ଏନେଇ ଏକ ସ୍ମାରକ ପତ୍ର ଜିଲ୍ଲା ପ୍ରଶାସନକୁ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଯୁବ ସଭାପତି ବସନ୍ତ କୁମାର ପାଢ଼ୀଙ୍କ ନେତୃତ୍ୱରେ ଜିଲ୍ଲା କଂଗ୍ରେସ ସଭାପତି ଅନାମ ନାୟକ, ଏଆଇସିସି ସଦସ୍ୟ ତଥା ଶ୍ରମିକ ନେତା ଘନ କୁମାର ଶବର, ହେମନ୍ତ କର,ସଂସାର ଭୋଇ, ନଗର ସଭାପତି ଶିବ ଶଙ୍କର ବେହେରା, ଛାତ୍ରନେତା ଅନୁପମ କହଁର ପ୍ରମୁଖଙ୍କ ସହ ବହୁ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

# ବିଧାୟକଙ୍କ ଗାଁକୁ ଯିବା ପାଇଁ ନିର୍ମାଣଧିନ ରାସ୍ତାରେ ଠିକ୍ ଭାବେ ଡ଼ାଇଭର୍ସନ ହୋଇନଥିବା ଅଭିଯୋଗ

ମାଲକାନଗିରି ,୩/୮ (ନି.ପ୍ର): ସ୍ଥାନୀୟ ଅଂଚଳର ବିଧାୟକ, ସେଥିପାଇଁ ବ୍ୟସ୍ତତା ମଧ୍ୟରୁ ସମୟ ବାହାର କରି ଗାଆଁ କୁ ଆସିଲେ ଆଖପାଖ ଅଂଚଳର ଲୋକେ ଚାଲି ଆସନ୍ତି ନିଜର ଦୁଃଖ ଜଣାଇବାକୁ। ତେବେ ବିଧାୟକ ଙ୍କ ଗାଆଁ କୁ ଯାଉଥିବା ରାସ୍ତା ମଝିରେ ଏକ ପୋଲ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ସଠିକ ଡାଇଭର୍ସନ ବ୍ୟବସ୍ଥା କରାଯାଇନଥିବାରୁ ଯାତାୟତ ରେ ସମସ୍ୟା ଦେଖା ଦେଇଛି। ଏଭଳି ଚିତ୍ର ଦେଖିବାକୁ ମିଳିଛି ମାଲକାନଗିରି ନିର୍ବାଚନ ମଣ୍ଡଳୀର ବିଧାୟକ ଆଦିତ୍ୟ ମାଢ଼ିଙ୍କ ନିଜସ୍ୱ ଗାଁକୁ ସଂଯୋଗ କରୁଥିବା ବାପନପଲ୍ଲୀ - ରୋଡନପଲ୍ଲୀ ମୁଖ୍ୟ ରାସ୍ତାରେ। ଗତ ଦୁଇଦିନ ଧରି ଏହି ରାସ୍ତାରେ ଏକ ପୋଲ ନିର୍ମାଣ କାମ ପାଇଁ ସମ୍ପୃକ୍ତ ଠିକାଦାର ଜଣ ଙ୍କ ରାସ୍ତା ଖୋଳି ଥିଲେ ମଧ ଉପଯୁକ୍ତ ଡାଇଭର୍ସନ ବ୍ୟବସ୍ଥା କରି ନଥିବାରୁ ବାପନପଲ୍ଲୀ ପଂଚାୟତର ସିଲାକୋଟା, ରୋଡନପଲ୍ଲୀ, ମେଟାଗୁଡା ସମେତ ଆଖପାଖ ଅଂଚଳର ପ୍ରାୟ ୭ ଟି ଗାଆଁ ର ଲୋକ ବାପନପଲ୍ଲୀ ପଂଚାୟତ ରୁ ବିଚ୍ଛିନ୍ନ ହୋଇପଡ଼ିଥିବା ବେଳେ ଅପର ପାର୍ଶ୍ୱରେ ଥିବା ବାପନପଲ୍ଲୀ ପଂଚାୟତ ସଦର ମହକୁମା ସମେତ ଆଖପାଖ ଅଂଚଳର ଗ୍ରାମବାସୀ ଏହି ଅଂଚଳ କୁ ଯାତାୟତ କରିବାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୋଲ ନିର୍ମାଣ ପାଇଁ ଖୋଳା ଯାଇଥିବା ରାସ୍ତା ର ଗୋଟିଏ ପାର୍ଶ୍ୱରେ ଅଣଓସାରିଆ ଭାବେ ଚିକିଟା ମାଟି ପକା ଯାଇଥିବାରୁ ଲୋକେ ମୋଟର ଗାଡି ତ ଦୂରର କଥା ଖାଲି ପାଦରେ ଚାଲିଗଲେ ମଧ କାଦୁଅ ସରବର ପଡୁଛନ୍ତି। ଗତକାଲି ଏହି ରାସ୍ତା ଦେଇ ବିଧାୟକ ଙ୍କୁ ଭେଟି ସ୍ଥାନୀୟ ଅଂଚଳର ସମସ୍ୟା ଜଣାଇବାକୁ ଯାଉଥିବା ଅଶୋକ ମଲ୍ଲ, ପୁନେମ ମୁତା , ଜଗା କାମରାମ , ରାମା ମାଢ଼ି, ଶରତ ବେଟୀ ପ୍ରମୁଖ ଏଭଳି ଅସୁବିଧା ସମ୍ପର୍କରେ ବିଧାୟକ ଙ୍କୁ ଜଣାଇବା ସହ ନିଜର କ୍ଷୋଭ ପ୍ରକାଶ କରିଥିଲେ। ରାସ୍ତା ନିର୍ମାଣ ବେଳେ ପୋଲ ନିର୍ମାଣ ପାଇଁ ଅସ୍ଥାୟୀ ଭାବେ ଉପଯୁକ୍ତ ଭିତିଭୂମି ପରିବେଷ୍ଟନୀ ରେ ଡାଇଭର୍ସନ ରାସ୍ତା ନିର୍ମାଣ କରାଯିବାକୁ ନିୟମ ଥିବା ବେଳେ ଏହାକୁ ବେଖାତିର କରି ନାମକୁ ମାତ୍ର ଚିକିଟା ମାଟିର ଏକ ରାସ୍ତା ନିର୍ମାଣ କରାଯାଇ ପ୍ରହସନ କରାଯାଉଥିବା ଅଭିଯୋଗ ହୋଇଛି। ଏ ନେଇ ସ୍ଥାନୀୟ ବିଧାୟକ ଜାଣିବା ପରେ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି କହିଥିଲେ। ଅନ୍ୟପଟେ ବିଧାୟକ ଙ୍କ ଗାଆଁ କୁ ସଂଯୋଗ କରୁଥିବା ରାସ୍ତାରେ ଏଭଳି ଚିତ୍ର ଦେଖିବାକୁ ମିଳୁଥିବା ବେଳେ ଅନ୍ୟାନ୍ୟ ଗ୍ରାମ କଥା କିଏ କହିବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏପରି ସ୍ଥିତିରେ ବାପନପଲ୍ଲୀ ଠାରୁ ରୋଡନପଲ୍ଲୀ କୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ରେ ପୋଲ ନିର୍ମାଣ ପାଇଁ ଖୋଳା ଯାଇଥିବା ରାସ୍ତା କଡରେ ଉପଯୁକ୍ତ ଡାଇଭର୍ସନ ବ୍ୟବସ୍ଥା କରିବାକୁ ସାଧରଣରେ ଦାବୀ ହୋଇଛି।

# କୁମୁଲିପୁଟ ହାଟର ମାର୍କେଟ କମ୍ପ୍ଲେକ୍ସ ମରାମତି ଓ ନୂତନ ପିଣ୍ଡି ନିର୍ମାଣ ଦାବି

ଜୟପୁର ,୩/୮ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ କୁମୁଲିପୁଟ ହାଟର ମାର୍କେଟ କମେକ୍ସ ମରାମତି ଓ ନୁତନ ପଣ୍ଡି ନିର୍ମାଣ ନେଇ ଦାବି ହୋଇଛି। ଏନେଇ ସୋମବର ସମାଜସେବି ବି ହରି ବାବୁ ଜୟପୁର ଉପଜିଲାପାଳ ଙ୍କ ନିକଟରେ ଦାବୀ କରିଛନ୍ତି। ଉପ ଜିଲାପାଳ ଙ୍କ ଅନୁପସ୍ଥିତି ରେ ତାଙ୍କ କାଯ୍ୟଳୟ ଦାବି ପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବୀ ପତ୍ରରେ ଉଲ୍ଲେଖ କରାଯାଇଛି ଯେ ଜୟପୁର ବ୍ଲକ ଅଧନସ୍ଥ କୁମୁଲିପୁଟ ପଂଚାୟତରେ ପ୍ରତ୍ୟେକ ଶନିବାର ଦିନ ସପ୍ତାହିକ ହାଟ ବସିଥାଏ। ହାଟ ନିକଟରେ ଥିବା ଦୋକାନ ଷ୍ଟଲ ଗୁଡିକ ସମ୍ପୁର୍ଣ୍ଣ ଭାବେ ଖରାପ ହୋଇ ଗଲାଣି। ବର୍ଷା ଦିନ ଲୋକ ମାନେ ମାଟି କାଦୁଅରେ ହଇରାଣ ହୋଉଛନ୍ତି। ରାସ୍ତା କଟରେ ଲୋକ ମାନେ ବସସି ଗହଳି କରିବା ଯୋଗୁଁ ଖୋବଡି ନିୟମର ଉଲ୍ଲେଘନ ମଧ ହେଉଛି। ବ୍ୟବସାୟି ଦୋକାନି ମାନଙ୍କ ପାଇଁ ହାଟ ଭିତରେ ପ୍ଲଟା ଫର୍ମ ନିର୍ମାଣ କରାଗଲେ ରାସ୍ତାରେ ଅଧିକ ଜନ ଗହଳି ହେବ ନାହିଁ। ନୂତନ କେତୋଟି ଷ୍ଟଲ ନିର୍ମାଣ ଓ ପିଣ୍ଡି ନିର୍ମାଣ କରିବାକୁ ଦାବି କରିଛନ୍ତି।

# ମହିଳା ମହାସଂଘର ସ୍ଥାୟୀ ଗୃହ ନିର୍ମାଣ ପାଇଁ ଧାରଣା

କେନ୍ଦ୍ରାପଡ଼ା,୩/୮ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକ ଅଧିନ ସଂସିଦ୍ଧା ପଂଚାୟତରେ ସ୍ଥାୟୀ ଗୃହ ନିର୍ମାଣ ପାଇଁ ମହାସଂଘ ପକ୍ଷରୁ ଦାବି କରାଯାଇଛି। ପଂଚାୟତରେ ପ୍ରାୟ ୬୦ ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଥିବାବେଳେ ଏକ ମହାସଂଘ ସରକାରଙ୍କ ନିର୍ଦ୍ଦେଶ ମୁତାବକ ଗଠନ କରାଯାଇଛି। ଏହି ପଂଚାୟତର ମଧ୍ୟସ୍ଥଳ ଦକ୍ଷୀଣେଶ୍ୱର ମଧ ଇଂରାଜୀ ନିକଟରେ ମହାସଂଘର ସ୍ଥାୟୀ ଗୃହ ନିର୍ମାଣ ପାଇଁ ସହମତି ପ୍ରକାଶ ପାଇଛି। ତେବେ ଏଠାରେ ନୂତନ ଗୃହ ନିର୍ମାଣ ପାଇଁ ମହାସଂଘର ବିଦ୍ୟୁଲତା ପରିଡା, ପରିପୂର୍ଣ୍ଣ ଭୂୟାଁ , ଶାନ୍ତିଲତା ଦାସ, ଛବିରାଣୀ ବେହେରା, ଦେବକୀ ଦାସ, ଭଗବତୀ ସାହୁ ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

# ବାଲିଗୁଡାରେ ତହସିଲଦାରଙ୍କୁ ଘେରିଲେ ଜବରଦଖଲକାରୀ ମହିଳା : ଉଦ୍ଧାର କଲା ପୋଲିସ

କନ୍ଧମାଳ ,୩/୮ (ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ଥାନା ଅନ୍ତର୍ଗତ ମୁଣ୍ଡାସାହିରେ ଲୋକଙ୍କ ଦ୍ୱାରା ସରକାରୀ ଜମିର ଜବରଦଖଲ ଉଚ୍ଛେଦ କାର୍ଯ୍ୟ ବେଳେ ବାଲିଗୁଡା ତହସିଲଦାର ଶଶାଙ୍କ ଶେଖର ପାତ୍ରଙ୍କୁ କିଛି ସମୟ ଧରି ଘେରାଉ କରିଛନ୍ତି ସେହି ଅଂଚଳର ମହିଳା ମାନେ। ସୂଚନା ଅନୁସାରେ ମୁଣ୍ଡାସାହିରେ ଲୋକଙ୍କ ଦ୍ୱାରା ଜବରଦଖଲ କରାଯାଇଥିବା ସରକାରୀ ଯାଗାକୁ ଉଚ୍ଛେଦ କରିବାକୁ ତହସିଲଦାର ନିଜେ ସେଠାକୁ ଯାଇ କାର୍ଯ୍ୟକୁ ତଦାରଖ କରୁଥିଲେ। ଏହି ସମୟରେ ସେଠାରେ ଜବରଦଖଲ କରିଥିବା ପରିବାରର ମହିଳାମାନେ ଏକଜୁଟ ହୋଇ ତହସିଲଦାରଙ୍କୁ ବେଶ କିଛି ସମୟ ଧରି ଘେରାଉ କରିଥିଲେ। ଫଳରେ ସେଠାରେ ଚାଲିଥିବା ଜବରଦଖଲ ଉଚ୍ଛେଦ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ବାଲିଗୁଡା ଥାନା ପୋଲିସ ସେଠାରେ ପହଂଚି ତହସିଲଦାରଙ୍କୁ ମହିଳାମାନଙ୍କ କବଳରୁ ଉଦ୍ଧାର କରିଥିଲେ। ଏହାପରେ ପୁନର୍ବାର ଏହି ଉଚ୍ଛେଦ କାର୍ଯ୍ୟ କରାଯିବ ବୋଲି ତହସିଲଦାର କହିଛନ୍ତି। ତେବେ ଏହି ଘଟଣା ବାବଦରେ ତହସିଲଦାର ଥାନାରେ ଅଭିଯୋଗ ଦେଲେ ଅଭିଯୁକ୍ତ ମାନଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରାହଣ କରିବ ବୋଲି ପୋଲିସ ସୁତ୍ରରୁ ଜଣାପଡିଛି।

# ବସ୍ତିବାସିନ୍ଦାଙ୍କୁ ପଟ୍ଟାଦିଅ : ନହେଲେ ରାଜରାସ୍ତାରେ ବସିବୁ

ପୁରୀ,୩/୮ (ନି.ପ୍ର): ରାଜ୍ୟ ସରକାର ବସ୍ତିବାସିନ୍ଦାଙ୍କୁ ପଟ୍ଟା ପ୍ରଦାନ କରୁଥିବାବେଳେ ପେଣ୍ଠକଟା ୩୧ ନମ୍ବର ୱାର୍ଡ଼ର ମା ହରଚଣ୍ଡି, ମା ତାରେଣୀ ବସ୍ତି ଓ ବିଜୁ ନଗର ବାସିନ୍ଦାମାନଙ୍କୁ ଏ ପର୍ଯ୍ୟନ୍ତ ପଟ୍ଟା ମିଳିନାହିଁ। ଏ ସମ୍ପର୍କରେ ବସ୍ତି ବାସିନ୍ଦାଙ୍କ ପ୍ରତିନିଧି ଦଳ ଆଜି ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଦର୍ଶାଇଛନ୍ତି ଯେ ତିନୋଟି ବସ୍ତି ବାସ୍ତିନ୍ଦାମାନେ ଦୀର୍ଘ ୧୫ ବର୍ଷ ହେଲାଣି ସେଠାରେ ଘର କରି ରହିଛନ୍ତି। ସମସ୍ତେ ଗରିବ ଓ ଦିନ ମଜୁରିଆ ଶ୍ରେଣୀର ଜନଗଣନା, ଆଧାରକାର୍ଡ଼, ରେସନକାର୍ଡ଼, ଭୋଟ ପରିଚୟ ପତ୍ର, ପାଣି ଓ ବିଦ୍ୟୁତ୍ ବିଲ୍‌ରେ ସେହି ଅଂଚଳର ନାମ ରହିଛି। ୩ଟି ବସ୍ତିରେ ୪୫୦ ପରିବାର ରହିଛନ୍ତି। ସେମାନଙ୍କୁ ମୌଳିକ ସୁବିଧା ମିଳି ପାରିନାହିଁ। ବସ୍ତି ତାଲିକାରେ ତାଙ୍କ ବସ୍ତିଗୁଡ଼ିକର ନାମ ନଥିବାରୁ ସେମାନେ ସରକାରୀ ସାହାର୍ଯ୍ୟ ଓ ଜମି ପଟ୍ଟା ପାଇପାରୁ ନାହାନ୍ତି। ଏଣୁ ତୁରନ୍ତ ବସ୍ତି ବାସିନ୍ଦାଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ ନକଲେ ବାଧ ହୋଇ ରାଜରାସ୍ତାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ପଂଚାୟତରାଜ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ମଧ ଜଣାଇଛନ୍ତି। ପ୍ରତିନିଧି ଦଳରେ ବସ୍ତି ସୁରକ୍ଷା ମଂଚର ସଂପାଦକ ସୀମାଂଚଳ ଦାସ, ମା ତାରେଣୀ ବସ୍ତି ଉନ୍ନୟନ କମିଟି ସଭାପତି ବୈକୁଣ୍ଠ ନାୟକ ଓ ସଂପାଦକ ସନ୍ତୋଷୀ ଦାସ, ଜୀବନ ଜ୍ୟୋତି ଜନ ମହାସଂଘର ସଭାପତି ଏମ୍ କ୍ରିଷ୍ଣା ରେଡ୍ଡୀ ଓ ସଂପାଦକ ଆର ରାମ ରେଡ୍ଡୀ ପ୍ରମୁଖ ଦାବିପତ୍ର ଦେବା ସମୟରେ ଉପସ୍ଥିତ ଥିଲେ।

# ଟୁକଲାରେ ଜିମ୍ କେନ୍ଦ୍ର ଉଦ୍‌ଘାଟିତ

ନୂଆପଡା,୩/୮ (ନି.ପ୍ର): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଟୁକଲା ଠାରେ ଅତ୍ୟାଧୁନିକ ସୁବିଧା ସୁଯୋଗ ଥିବା ଏକ ଜିମ କେନ୍ଦ୍ର ମାରୁତି ହେଲଥ ପ୍ଲାନେଟର ଉଦଘାଟିତ ହୋଇଯାଇଛି। ଟୁକଲାର ବୈଭବ କୁମାର ଦାଶ ଏହି କେନ୍ଦ୍ର ଖୋଲିଥିବା ବେଳେ ସନ୍ତୋଷ ଦାଶ ସପତ୍ନୀ କର୍ତା କାର୍ଯ୍ୟ ନିର୍ବାହ କରିବା ସହ ଶୁଭ ଉଦଘାଟନ କରିଥିଲେ। ଏହି କେନ୍ଦ୍ରରେ ବ୍ୟାୟାମ ସହ ଶରୀରକୁ ଫିଟ ରଖିବା ପାଇଁ ସବୁ ପ୍ରକାର ବ୍ୟବସ୍ଥା ରହିଛି ବୋଲି ସୂଚନା ଦିଆଯାଇଛି। ମଲ୍ଟି ବେଂଚ ପ୍ରେସ, ଫ୍ଲାଟ ବେଂଚ, ସ୍ମିଥ ମସିନ, ଡମ୍ବଲ ଷ୍ଟାଣ୍ଡ, ଡୁଆଲ ଟ୍ୱିଷ୍ଟର, ୱେଟ ଲିଫଟିଂ ପ୍ଲେଟ, ଲେଗ ପ୍ରେସ, କେବୁଲ କ୍ରସ ଓଭର ,ଏଡଜଷ୍ଟବୁଲ ବେଂଚ, ବେଟିଲିଙ୍ଗ ରୋପ ଆଦି ସୁବିଧା ଉପଲବ୍ଧ ରହିଥିବା ଜଣାଯାଇଛି। ଟୁକଲା ଜିଲ୍ଲାର ସର୍ବ ବୃହତ ଗ୍ରାମ ହୋଇଥିବା ବେଳେ ଶିକ୍ଷା, ସ୍ୱାସ୍ଥ୍ୟ ଓ ବ୍ୟବସାୟ ପାଇଁ ପାଖାପାଖି ୩୦ ଖଣ୍ଡର ଗ୍ରାମବାସୀ ଏହା ଉପରେ ନିର୍ଭର କରିଥାନ୍ତି। ଏଠାରେ ଜିମ ସୁବିଧା ନ ଥିବାରୁ ଯୁବବର୍ଗ ଖଡ଼ିଆଳ, ଟିଟିଲାଗଡ଼ କିବା ଭବାନୀପାଟଣା ଯାଉଥିଲେ। ଏବେ ଏହି ଆବଶ୍ୟକତା ପୂର୍ଣ୍ଣ ହୋଇଥିବାରୁ ସମସ୍ତେ ଖୁସି ଜାହିର କରିଛନ୍ତି।

# ନିଖୋଜ ଦାଦନ ଶ୍ରମିକଙ୍କୁ ଖୋଜିବା ପାଇଁ ଗରିବ ସେନାର ଦାବି

ନୂଆପଡା,୩/୮ (ନି.ପ୍ର): ନୂଆପଡା ଜିଲ୍ଲା କୋମନା ବ୍ଲକ ମିଛାପାଲି ପଂଚାୟତର ଦାଦନ ଶ୍ରମିକ କୋଦୋ ମାଝୀ ହାଇଦ୍ରାବାଦ କାମ କରିବାକୁ ଯାଉଥିବା ବେଳେ ରାସ୍ତାରେ ନିଖୋଜ ହେଇଗଲେ। ଆଜିକୁ ଦିର୍ଘ ୭ମାସ ହେଲା ତାଙ୍କର ପତା ମିଳୁନାହିଁ। ତାଙ୍କର ସ୍ତ୍ରୀ,ଦୁଇ ପୁଅ ଓ ସାନ ଝିଅ ଅପେକ୍ଷାରେ ଅଛନ୍ତି। କୋମନା ଥାନାରେ କେସ୍ ଦେଲା ପରେ ମଧ୍ୟ ପ୍ରଶାସନ ଆଜି ଯାଏ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଏନେଇ ଆଜି ଗରିବ ସେନା ସଂଗଠନର ଏକ ଦଳ ଜିଲ୍ଲା ସଭାପତି ରବି ମଂଗରାଜଙ୍କ ନେତୃତ୍ୱରେ ମିଛାପାଲି ତାଙ୍କ ପରିବାରକୁ ଭେଟିଥିଲେ। ସାଥିରେ ଗାଁର ବରିଷ୍ଠ ସମାଜସେବୀ ୟମିନ୍ ମହମ୍ମଦ,ରୁପସିଂ ମାଝୀ, ଭୁଷଣ ସଗରିଆ ଓ ମହେନ୍ଦ୍ର ପଟେଲ୍ ଥିଲେ। ନୂଆପଡା ଜିଲ୍ଲାରେ ବାରମ୍ବାର ଏଭଳି ଘଟଣା ଘଟିଚାଲିଛି ହେଲେ ପ୍ରଶାସନ କିମ୍ବା ସରକାର ଶ୍ରମିକଙ୍କ ସୁରକ୍ଷା ପାଇଁ କୌଣସି ଚିନ୍ତା କରୁନାହାନ୍ତି, ବାବେଘାଟି ଗାଁରେ ଦୁଇଜଣ ଦାଦନ ମୃତ୍ୟୁ ହେଇଛି ଓ ଗତ ଦୁଇବର୍ଷ ହେଲା ବାବୁପାଲି ଗାଁ ବ୍ରିଜଲାଲ୍ ବାଗ ନିଖୋଜ ଅଛନ୍ତି। ଏ ସବୁ ଘଟଣାକୁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହି। ରାଜ୍ୟ ସରକାର ନାମକୁ ମାତ୍ର ଟଙ୍କା ଖର୍ଚ୍ଚ କରୁଛନ୍ତି ତାହା ଶ୍ରମିକଙ୍କ ହିତରେ ଲାଗୁନାହି। ସରକାର/ପ୍ରଶାସନ କୋଦୋ ମାଝୀ ତଥା ନିଖୋଜ ଥିବା ଅନ୍ୟ ଶ୍ରମିକଙ୍କ ଶିଘ୍ର ଖୋଜିକି ବାହାର କରିବା ସହ ମୃତ୍ୟୁମୁଖରେ ପଡିଥିବା ସମସ୍ତ ଶ୍ରମିକ ପରିବାରକୁ ଆବଶ୍ୟକୀୟ ମୌଳିକ ସୁବିଧା ଯୋଗାଇ ଦେବା ସହ ୫ଲକ୍ଷ ଟଙ୍କା ଯାଏ ଆର୍ଥିକ ସହାୟତା ପ୍ରଦାନ କରିବାକୁ ସେନା ପକ୍ଷରୁ ଦାବି କରାଯାଇଛି ନଚେତ୍ ଜିଲ୍ଲାପାଳ ଅଫିସ୍ ଘେରାଓ କରାଯିବ ବୋଲି ସଂଗଠନ ନିଷ୍ପତି ନେଇଛି।

# ଫୁଲବାଣୀ ନେହେରୁ ଯୁବ କେନ୍ଦ୍ର ତରଫରୁ ସ୍ୱଚ୍ଛତା ପକ୍ଷ ପାଳିତ

କନ୍ଧମାଳ ,୩/୮ (ନି.ପ୍ର): ଫୁଲବାଣୀ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ସ୍ୱଛାତା ପକ୍ଷ ପାଳିତ ହୋଇଯାଇଛି। ଫୁଲବାଣୀ ସ୍ଥିତ କନ୍ଧମାଳ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କନ୍ଧମାଳ ଜିଲ୍ଲା କ୍ରୀଡା ଅଧିକାରୀ ଜୀତେନ୍ଦ୍ର କୁମାର ମହାକୁଡ ଯୋଗ ଦେଇଥିବାବେଳେ ସମ୍ମାନୀତ ଅତିଥି ଭାବରେ କଲ୍ୟାଣି ସ୍ୱେଛାସେବୀ ଅନୁଷ୍ଠାନର ସମ୍ପାଦକ ରବିନ୍ଦ୍ର କୁମାର ସାହୁ.ଫୁଲବାଣୀ ନେହେରୁ ଯୁବ କେନ୍ଦ୍ରର ଜିଲ୍ଲା ଯୁବ ଅଧିକାରୀ ନବନିତ କୁମାର ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆଖପାଖ ଅଂଚଳର ଯୁବକ ଯୁବତୀ ମାନେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଉପସ୍ଥିତ ଯୁବକଯୁବତୀ ମାନଙ୍କୁ କାର୍ଯ୍ୟକ୍ରମର ଆବଶ୍ୟକତା ବିଷୟରେ ଅବଗତ କରାଇଥିଲେ। ଅନୁଷ୍ଠାନ ପକ୍ଷରୁ ସ୍ୱଛତା ପାକ୍ଷ ପାଳନ କାର୍ଯ୍ୟକ୍ରମ ଅଗଷ୍ଟ ମାସ ୧ ତାରିଖ ଠାରୁ ଆମ୍ଭ କରାଯାଇ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ଅଂଚଳରେ ପାଳିତ ହେବ ବୋଲି ଯୁବ ଅଧିକାରୀ ସମସ୍ତଙ୍କୁ ଜଣାଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଅନୁଷ୍ଠାନର ସହେଯାଗୀ କର୍ମୀ ସତ୍ୟବାନ ଦଳବେହେରା ଅତିଥି ସ୍ୱାଗତ କରିଥିଲେ। ଶେଷରେ ସ୍ୱେଚ୍ଛାସେବୀ ସୋନାଲି ଦିଗାଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# କାର୍ ସହ ୧୦୭ ବୋତଲ କଫ୍ ସିରପ ଜବତ : ୪ ଗିରଫ

ସମ୍ବଲପୁର,୩/୮ (ନି.ପ୍ର): ପ୍ରେସ୍ ଲେଖାଥିବା ଏକ କାର୍ ରେ କଫ୍ ସିରପ ଚାଲାଣ ବେଳେ ପୋଲିସ ହାତରେ ଧରାପଡିଛି। ପଡ଼ିଆବାହାଲ ନିକଟରେ ପୋଲିସ ଚଢ଼ଉ କରି ଏହାକୁ ଧରିବାରେ ସକ୍ଷମ ହୋଇଥିଲା। ଚଢ଼ଉ ବେଳେ କାର୍ ରୁ ୧୦୭ ବୋତଲ କଫ୍ ସିରପ ଜବତ ହୋଇଛି। କାର୍ କୁ ଜବତ କରିବା ସହ ଘଟଣାରେ ୪ ଜଣଙ୍କୁ ଗିରଫ କରିଛି ପୋଲିସ।


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୦୪ ଅଗଷ୍ଟ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 04 AUGUST 2021

Vol.No. 32 ■ No. 199 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ବିରଞ୍ଚି ସାହୁଙ୍କୁ ୪ ଦିନିଆ ରିମାଣ୍ଡରେ ନେଲା ଭିଜିଲାନ୍ସ

## ଆଜି ଓଏସଏସସି ଅଫିସ୍ ଯାଇ ଦୁଇ ଜଣିଆ ଟିମର ଛାନଭିନ୍



ଭୁବନେଶ୍ୱର,୦୩/୦୮(ନି.ପ୍ର): ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିଶନରେ ଯଦି ସବୁ କିଛି ଠିକ୍ଠାକ୍ ଚାଲିଥାନ୍ତା, ଜଣେ ପରେ ଜଣେ ପରୀକ୍ଷାର୍ଥୀ ନିଜର ଅଭିଯୋଗ ନେଇ ଏମିତି ଫେରାଦ୍ ହେଉନଥାନ୍ତେ । ବିରଂଚିଙ୍କ ଦୁର୍ନୀତିର ଗୁମର ଖୋଲୁଥିବା ବେଳେ ଭିଜିଲାନ୍ସ ପାଖରେ ଫେରାଦ୍ ହୋଇଛନ୍ତି ଜଣେ ପରୀକ୍ଷାର୍ଥୀ, ଯିଏ ନିଯୁକ୍ତି ଦୁର୍ନୀତିରେ କେଳେଙ୍କାରୀର ସାଂଘାତିକ୍ ଅଭିଯୋଗ ଆଣିଛନ୍ତି । ଚିନ୍ମୟ ୨୦୧୦ ମସିହାରେ ଜୁନିୟର ଆସିଷ୍ଟାଣ୍ଡ ପଦ ପାଇଁ ପରୀକ୍ଷା ଦେଇଥିଲେ । ୨୦୧୧ ମସିହାରେ ଯେତେବେଳେ ପରୀକ୍ଷା -ଫଳ ଆସିଲା, ସେଥିରେ ତାଙ୍କ ନାଁ ନଥିଲା । କଟ୍ଅଫ୍ ମାର୍କ ୧୭୫ ରଖି ପିଲା ଯୋଗ୍ୟ ବିବେଚିତ ହୋଇଥିବା ବେଳେ ଚିନ୍ମୟ ୧୭୭.୨୫ ନମ୍ବର ରଖିବି, ତାଙ୍କ ନାଁ ତାଲିକାରେ ନଥିବା ସେ ଅଭିଯୋଗ କରିଛନ୍ତି । ଚାକିରିରୁ ବାଧ୍ୟତାମୂଳକ ଅବସର ଦିଆଯିବା ପରେ ଓଏସ୍ଏସ୍ସି କାର୍ଯ୍ୟାଳୟରେ ପହଂଚି, ଛାନ୍ବିନ୍ କରିଛନ୍ତି ଭିଜିଲାନ୍ସର ଦୁଇ ଜଣିଆ ଟିମ୍ । ଏମିତି କି କିଛି କାଗଜପତ୍ରର ତନଖି କରିଛି ଭିଜିଲାନ୍ସ । ଓଏସଏସସିର ଅଧ୍ୟକ୍ଷଙ୍କ ନିର୍ମଳ ମିଶ୍ରଙ୍କୁ ମଧ୍ୟ ପଚାରଉଚୁରା କରିଛି ଭିଜିଲାନ୍ସ ଟିମ୍ । ସାଧାରଣ ପିଏସ୍ରୁ ବରଂଚି କେମିତି ବନିଲେ କୋଟିପତି, ନିଯୁକ୍ତି ପ୍ରକ୍ରିୟାରେ କୌଣସି ଦୁର୍ନୀତି ହୋଇଥିଲା କି ସେ ଦିଗରେ ଯାଂଚ୍ କରାଯାଇଛି । କାହାଣୀ ଏଠି ସରିଯାଇନି, ବରଂ ଇଏଠୁ ହିଁ ଆରମ୍ଭ ହୋଇଛି । କାରଣ, ଏହା କେବଳ ଆୟବର୍ହୁତ ମାମଲା ହୋଇରହିନି । ନିଯୁକ୍ତିରେ ଦୁର୍ନୀତି, ଚାକିରି ନାଁରେ ଶୋଷଣ, ଚାକିରି ଆଶାୟୀଙ୍କୁ ଠକେଇ, ଟଙ୍କା କାରବାର ଭଳି ସଂଗୀନ ମାମଲା ଜଡ଼ିତ ରହିଥିବା ଅଭିଯୋଗ ହୋଇଛି । ଯେଉଁ ସବୁ ଅଭିଯୋଗ ପୁଲିସ୍ ତଦନ୍ତର ଆବଶ୍ୟକତା ରଖୁଛି । ଯଦି ନିଯୁକ୍ତି ପ୍ରକ୍ରିୟାରେ ଦୁର୍ନୀତି ହେଉଥିଲା, ତାହା କେବଳ କ'ଣ ବିରଂଚିଙ୍କ ଦ୍ୱାରା ସଂଭବ କି? କେଉଁ ପର୍ଯ୍ୟନ୍ତ ଲମ୍ବିଛି ଦୁର୍ନୀତିର ଚେର? କେଉଁ କେଉଁମାନେ ନିଯୁକ୍ତି ଦୁର୍ନୀତିରେ ସଂପୃକ୍ତ ଥିଲେ? କେବଳ ବିରଂଚି ସାହୁଙ୍କୁ ଚାକିରିରୁ ଅବସର ଦେଇଦେଇ, କାମ ତୁଟାଇ ଦେଲେ, ଓଏସ୍ଏସ୍ସି ଉପରେ ଭରସା ବଢ଼ିବା ବଦଳରେ ତୁଟିବ । ତେଣୁ ଓଏସ୍ଏସ୍ସିରେ ସ୍ୱଚ୍ଛତା ଆଣିବା ଯେତିକି ଜରୁରୀ ପିଲାଙ୍କ ବିଶ୍ୱାସ ଭାଜନ ହେବା ତାଠୁ ଅଧିକ ଆବଶ୍ୟକ ।

## ଆରଟିଆଇ ତଥ୍ୟ ଧରି ଭିଜିଲାନ୍ସ କାର୍ଯ୍ୟାଳୟରେ ପହଂଚିଲେ ଚାକିରି ପାଇନଥିବା ଆଶାୟୀ

ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିସନରେ ବର୍ଷ ବର୍ଷ ଦରି ଚାଲିଛି କି ନିଯୁକ୍ତି ଦୁର୍ନୀତି । ଆଉ ଓଏସଏସସି ସଦସ୍ୟଙ୍କ ପିଏସ ବିରଂଚି ନାରାୟଣ ଭଳି ଲୋକ ଲାଂଚ ନେଇ ଏହି ରାକେଟ ଚଳାଇଛନ୍ତି ? ଜଣେ ଚାକିରୀ ଆଶୟୀ ଭିଜିଲାନ୍ସରେ ପହଂଚିବା ପରେ ଏଭଳି ସନ୍ଦେହକୁ ବଳ ମିଳିଛି । ବିରଂଚି ସାହୁଙ୍କ ଗିରଫ ପରେ ଭିଜିଲାନ୍ସ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି ଜଣେ ଚାକିରୀ ଆଶାୟୀ । ୨୦୧୧ ମସିହାରେ ଜୁନିଅର ଆସିଷ୍ଟାଣ୍ଡ ପଦବୀ ପାଇଁ କିଭଳି ଦୁର୍ନୀତି ହୋଇଥିଲା । ସେ ନେଇ ଆରଟିଆଇ ତଥ୍ୟ ଧରି ଭିଜିଲାନ୍ସ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି ଚିନ୍ମୟ ରାଉତ । କଟଅଫ ମାର୍କ ଠାରୁ ଅଧିକ ମାର୍କ ରଖି ମଧ ସେ ଚାକିରୀ ପାଇବାରୁ ବଂଚିତ ହେଇଥିବା କହିଛନ୍ତି । ଜୁନିଅର ଆସିଷ୍ଟାଂଟ ପଦବୀ ପାଇଁ କଟଅଫ୍ ମାର୍କ ୧୭୫ ଥିବା ବେଳେ ସେ ୧୭୭ ଦଶମିକ ୨୫ ମାର୍କ ରଖିଥିଲେ । ତଥାପି ସେ ଚାକିରୀ ପାଇବାରୁ ବଂଚିତ ହୋଇଛନ୍ତି । ତେଣୁ ଓଏସଏସସିରେ ମେଧାବୀ ପରୀକ୍ଷାର୍ଥୀଙ୍କୁ ସୁଯୋଗ ନଦେଇ ଲାଂଚ କାରବାରରେ ସଂପୃକ୍ତ ଅଧିକାରୀ ଓ କର୍ମଚାରୀ ବଡ଼ ଧରଣର ଦୁର୍ନୀତି କରିଥିବା ସେ ଭିଜିଲାନ୍ସରେ ଅଭିଯୋଗ କରିଛନ୍ତି ।

## ଚମକାଇ ଦେଲା କରୋନା କାଳର ପରୀକ୍ଷାଫଳ ସିବିଏସଇ ଭୁବନେଶ୍ୱର ଜୋନରେ ପାସ ହାର ୯୯.୬୨ ପ୍ରତିଶତ



ଭୁବନେଶ୍ୱର,୦୩/୦୮(ନି.ପ୍ର): ବିନା ପରୀକ୍ଷାରେ ପ୍ରକାଶ ପାଇଛି ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷା ଫଳ । ଚଳିତ ବର୍ଷ ପାସ ହାର ପୂର୍ବର ସମସ୍ତ ରେକର୍ଡଙ୍କୁ ଭାଙ୍ଗି ଦେଇଛି । ସର୍ବ ଭାରତୀୟ ସ୍ତରରେ ପାସ ହାର ୯୯ ଦଶମିକ ୪ ପ୍ରତିଶତ ରହିଛି । ଭୁବନେଶ୍ୱର ଜୋନରେ ପାସ ହାର ରହିଛି ୯୯ ଦଶମିକ ୬୨ ପ୍ରତିଶତ । ବଡ କଥା ହେଉଛି ବିନା ପରୀକ୍ଷାରେ ରେଜଲ୍ଟ ବାହାରିଥିଲେ ମଧ ମାର୍କକୁ ନେଇ ପ୍ରାୟ ପିଲା ସନ୍ତୋଷ ପ୍ରକାଶ କରିଛନ୍ତି । କରୋନା କାଳର ପରୀକ୍ଷା ଫଳ ଆସିବା ପରେ ଖୋଦ୍ ଏହି ପିଲାମାନେ ବି ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ସେମାନେ ▶▶ପୃଷ୍ଠା ୭

# ବ୍ରୋଞ୍ଜ ପଦକ ଜିତିବା ପରେ ଭାରତ ଫେରିଲେ ପି.ଭି ସିନ୍ଧୁ

## ଦିଲ୍ଲୀ ବିମାନ ବନ୍ଦରରେ ଭବ୍ୟ ସ୍ୱାଗତ



ନୂଆଦିଲ୍ଲୀ,୦୩/୦୮: ଟୋକିଓ ଅଲମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିଥିବା ଭାରତୀୟ ଷ୍ଟାର ବ୍ୟାଡମିଣ୍ଟନ ଖେଳାଳୀ ପି.ଭି ସିନ୍ଧୁ ଆଜି ଭାରତ ଫେରିଛନ୍ତି । ଦିଲ୍ଲୀ ବିମାନବନ୍ଦରରେ ପହଂଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି । ସିନ୍ଧୁଙ୍କ ସହ ତାଙ୍କ କୋଚ୍ ବି ତାଙ୍କ ସହିତ ଫେରିଛନ୍ତି । ଏହି ଅବସରରେ ଗଣମାଧ୍ୟମକୁ ସିନ୍ଧୁ କହିଛନ୍ତି କି "ମେଡାଲ ଜିତିବା ପରେ ମୁଁ ବହୁତ ଖୁସି ଅଛି, ମୋର ବିଜୟ ପାଇଁ ମୁଁ ବ୍ୟାଡମିଣ୍ଟନ ଆସୋସିଏସନ ସହିତ ସାରା ଦେଶବାସୀଙ୍କ ପ୍ରତି କୃତଜ୍ଞତା ଜଣାଉଛି " । ଏହାସହ ଯେଉଁମାନେ ତାଙ୍କୁ ସହଯୋଗ ଓ ଉତ୍ସାହିତ କରିଛନ୍ତି ସେମାନଙ୍କୁ ବି ସିନ୍ଧୁ ଧନ୍ୟବାଦ ଦେବାକୁ ଭୂଲି ନଥିଲେ । କହିରଖୁ କି ପି.ଭି ସିନ୍ଧୁ ଚୀନ ଖେଳାଳୀ ହ୍ୱିଙ୍ଗ ଜିଆଓଙ୍କୁ ସିଧା ସେଟରେ ୨୧-୧୩,୨୧-୧୫ ରେ ହରାଇ ଟୋକିଓ ଅଲମ୍ପିକରେ ବ୍ରୋଞ୍ଜ ପଦକ ଜିତିଥିଲେ । ଏହାସହ ସେ ଦୁଇଟି ଅଲମ୍ପିକରେ ପଦକ ଜିତିଥିବା ପ୍ରଥମ ଭାରତୀୟ ମହିଳା ଖେଳାଳୀ । ଏହା ପୂର୍ବରୁ ରିଓ ଅଲମ୍ପିକରେ ରୋପ୍ୟ ପଦକ ଜିତିଥିଲେ ସିନ୍ଧୁ । ସେ ଇସ୍ରାଇଲର କେନ୍ନିୟା ପୋଲିକାରପୋବାଙ୍କୁ ୨୧-୭,୨୦-୧୦ ସେଟରେ ହରାଇ ଟୋକିଓ ଅଲମ୍ପିକରେ ବିଜୟ ଆରମ୍ଭ କରିଥିଲେ । ଏହାପରେ ସେ ହଙ୍ଗକଙ୍ଗର ଚ୍ୟୁଙ୍ଗ ଏନଗାନଙ୍କୁ ୨୧-୯,୨୧-୧୬ ସେଟରେ ହରାଇଥିଲେ । ତୃତୀୟ ମ୍ୟାଚରେ ଡେନମାର୍କର ମିୟା ବ୍ଲିଟଫେଲ୍ଟଙ୍କୁ ୨୧-୧୫,୨୧-୧୩ ସେଟରେ ହରାଇ କ୍ୱାଟର ଫାଇନାଲରେ ପ୍ରବେଶ କରିଥିଲେ ।

## କୋଭିଡ୍ ମୃତ୍ୟୁରେ ସରକାରଙ୍କ ସତ୍ୟପାଠକୁ ନେଇ ସନ୍ତୁଷ୍ଟ ହେଲେନି ହାଇକୋର୍ଟ

ଭୁବନେଶ୍ୱର,୦୩/୦୮(ନି.ପ୍ର): କୋଭିଡ୍ ମୃତ୍ୟୁରେ ସରକାରଙ୍କ ସତ୍ୟପାଠକୁ ନେଇ ସନ୍ତୁଷ୍ଟ ହେଲେନି ହାଇକୋର୍ଟ । ପୁନଃ ସତ୍ୟପାଠ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । ସରକାରଙ୍କୁ ଭରଷାଯୋଗ୍ୟ ତଥ୍ୟ ଦେବାକୁ କହିଛନ୍ତି ହାଇକୋର୍ଟ । ଏହାକୁ ନେଇ କଂଗ୍ରେସ ପ୍ରେସମିଟ କରିଛି । କୋଭିଡ୍ ମୃତ୍ୟୁ ତଥ୍ୟ ସରକାର ଲୁଚାଉଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି । ଏନେଇ ଗତ ଜୁନ୍ ମାସରେ ହାଇକୋର୍ଟରେ ମାମଲା ହୋଇଛି । ଜୁଲାଇ ସୁଦ୍ଧା ରାଜ୍ୟରେ ୪ହଜାର ୯୨୪ ଜଣ କୋଭିଡ୍ ମୃତ୍ୟୁ ହୋଇଥିବା ବେଳେ ଉଚ୍ଚ ନ୍ୟାୟଳୟକୁ ସରକାର ୩ ପୃଷ୍ଠାର ତଥ୍ୟ ଦେଇଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି ।

## ସଂସଦରେ ସରକାରଙ୍କୁ ଘେରିବା ପାଇଁ ରାହୁଲ ପ୍ରସ୍ତୁତ କରୁଛନ୍ତି ରଣନୀତି

# ଏକାଠି ହେଲେ ପ୍ରାୟ ୧୫ଟି ରାଜନୀତି ଦଳର ନେତା



ନୂଆଦିଲ୍ଲୀ,୦୩/୦୮: ରାହୁଲ ଗାନ୍ଧୀଙ୍କ ବ୍ରେକଫାଷ୍ଟ ପଲିଟିକ୍ସ । ସଂସଦ ଅଧିବେଶନ ପୂର୍ବରୁ ରାହୁଲ ଗାନ୍ଧୀଙ୍କ ବୈଠକ । ଦିଲ୍ଲୀର କନଷ୍ଟିଚ୍ୟୁସନ୍ ହଲରେ ଚାଲିଥିବା ବୈଠକରେ ଏକାଠି ହେଲେ ପ୍ରାୟ ୧୫ଟି ବିରୋଧୀ ଦଳ । କଂଗ୍ରେସ, ଏନସିପି, ଶିବସେନା, ଆରଜେଡି, ଟିଏମସି ପ୍ରମୁଖ ଦଳ ସାମିଲ ହୋଇଥିଲେ । ସଂସଦର ମୌସୁମୀ ଅଧିବେଶନରେ ପେଗାସସ୍ ମାମଲାକୁ ନେଇ ବିରୋଧୀ ଜାରି ରହିଛି । ବିରୋଧୀ ଏହି ମାମଲାରେ ଚର୍ଚ୍ଚା କରିବାକୁ ଚାହୁଁଛି । ବିରୋଧୀ ନେତା କହିଛନ୍ତି ସମସ୍ତଙ୍କୁ ଏକାଠି ହେବାର ଆବଶ୍ୟକତା ରହିଛି । ସଂସଦ ପର୍ଯ୍ୟନ୍ତ ସାଇକେଲ ଯାତ୍ରା କରିବେ । କଂଗ୍ରେସ ନେତା ମଲ୍ଲିକାର୍ଜୁନ୍ ଖଡଗେ କହିଛନ୍ତି, ସରକାର ଆମ କଥା ଶୁଣୁନାହାନ୍ତି । ସଡକରୁ ନେଇ ସଂସଦ ପର୍ଯ୍ୟନ୍ତ ଲଢେଇ କରିବାକୁ ପଡ଼ିବ । କରୋନା ନେଇ ଯେପରି ଚର୍ଚ୍ଚା ହେଉଛି, ପେଗାସସ୍ ମାମଲାରେ ମଧ ସେହିପରି ଚର୍ଚ୍ଚା ହେବା ଆବଶ୍ୟକ ।

## ହାଇକୋର୍ଟରେ ଶୁଣାଣିର ସିଧାପ୍ରସାରଣକୁ ବାର ଆସୋସିଏସନର ବିରୋଧ ପ୍ରତିବାଦରେ ବୁଧବାର ଯାଏଁ ମୁଖ୍ୟ ବିଚାରପତିଙ୍କ କୋର୍ଟ ବର୍ଜନ



ନୂଆଦିଲ୍ଲୀ,୦୩/୦୮: ହାଇକୋର୍ଟରେ ମାମଲା ଶୁଣାଣିର ସିଧା ପ୍ରସାରଣ ଆରମ୍ଭ ହୋଇଛି । ହେଲେ ଏହାକୁ ବିରୋଧ କରୁଛି ହାଇକୋର୍ଟ ବାର ଆସୋସିଏସନ । ଆଇନଜୀବୀମାନେ ସିଧାପ୍ରସାରଣକୁ ବିରୋଧ କରି ମୁଖ୍ୟ ବିଚାରପତିଙ୍କ କୋର୍ଟକୁ ବର୍ଜନ କରଛନ୍ତି । ହାଇକୋର୍ଟ ଅଫ ଓଡ଼ିଶା ଲାଇଭ ଷ୍ଟ୍ରିମିଂ ଅଫ କୋର୍ଟ ପ୍ରେସଡିଂ ରୁଲ୍ସ ୨୦୨୧କୁ ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି ଆଇନଜୀବୀ । ଓଡ଼ିଶା ହାଇକୋର୍ଟର ଶୁଣାଣିକୁ ଲାଇଭ ଷ୍ଟ୍ରିମିଂ କରିବା ପାଇଁ ସ୍ୱତନ୍ତ୍ର ନିୟମାବଳୀ ପ୍ରଣୟନ କରାଯାଇଛି । ତେବେ ମାମଲା ଶୁଣାଣି ପ୍ରକ୍ରିୟାର ଲାଇଭ ଷ୍ଟ୍ରିମିଂ ବା ସିଧା ପ୍ରସାରଣ କରିବେ ହାଇକୋର୍ଟଙ୍କ ଦ୍ୱାରା ଅନୁମତିପ୍ରାପ୍ତ ବ୍ୟକ୍ତି । ସିଧାପ୍ରସାରଣର ୱେବ ଲିଙ୍କ ହାଇକୋର୍ଟଙ୍କ ୱେବସାଇଟରେ ଏବଂ ସଂପୃକ୍ତ ଖଣ୍ଡପୀଠଙ୍କ କଜ୍ ଲିଷ୍ଟରେ ପ୍ରକାଶ ପାଇବ । କିନ୍ତୁ ପାରିବାରିକ ବିବାଦ, ଶିଶୁ ଓ ବାଳ ଅପରାଧ ସଂପର୍କିତ ମାମଲା, ପକ୍ସୋ ଆଇନ ଓ ଜୁଭେନାଇଲ ଜଷ୍ଟିସ ଆକ୍ଟ ସଂକ୍ରାନ୍ତୀୟ ମାମଲାର ସିଧା ପ୍ରସାରଣ ହୋଇପାରିବ ନାହିଁ ବୋଲି କୋର୍ଟ କହିଛନ୍ତି । ଜାତୀୟ ସୁରକ୍ଷା ସଂପର୍କିତ ମାମଲାକୁ ମଧ ଏଥିରୁ ବାଦ ଦିଆଯାଇଛି ।

## କରୋନା କଟକଣା ଭିତରେ ଖୋଲିଲା ସମଲେଶ୍ୱରୀ ମନ୍ଦିର



ଭୁବନେଶ୍ୱର,୦୩/୦୮(ନି.ପ୍ର): କଟକଣା ଭିତରେ ଖୋଲିଛି ମା ସମଲେଇଙ୍କ ମନ୍ଦିର । ଜିଲ୍ଲା ପ୍ରଶାସନ ସହ ଆଲୋଚନା ପରେ ଆଜି ଖୋଲିଛି ମନ୍ଦିର । ହେଲେ ପ୍ରତି ସପ୍ତାହର ସୋମବାର ଦିନ ସାନିଟାଇଜ ପାଇଁ ବନ୍ଦ ରହିବ ମନ୍ଦିର । ସକାଳ ୬ରୁ ଦିନ ସାଢ଼େ ୧୧ ପର୍ଯ୍ୟନ୍ତ ଓ ଅପରାହ୍ଣ ୩ଟାରୁ ସାଢ଼େ ୭ଟା ପର୍ଯ୍ୟନ୍ତ ଦର୍ଶନ ପାଇଁ ଭକ୍ତଙ୍କୁ ଅନୁମତି ରହିଛି । ମନ୍ଦିର ମୁଖ୍ୟ ଗମ୍ଭୀରା ଭିତରୁ ପ୍ରବେଷ ନିଷେଧ ଥିବା ବେଳେ ଭିତରକୁ କେହି ପ୍ରସାଦ, ଫୁଲ, ଦୀପ, ଧୁପ ନେଇପାରିବେ ନାହିଁ । ଜିଲ୍ଲାର ଅନ୍ୟ ଧର୍ମାନୁଷ୍ଠାନ ମଧ କୋଭିଡ ଗାଇଡ଼ଲାଇନ ଭିତରେ କୋଲିବା ପାଇଁ ନିଷ୍ପତ୍ତି ହୋଇଛି । କରୋନା ମହମାରୀକୁ ଦୃଷ୍ଟିରେ ରଖି ଧାର୍ମିକ ଅନୁଷ୍ଠାନକୁ ବନ୍ଦ ରଖିବା ପାଇଁ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ହୋଇଥିଲା । ହେଲେ ରାଜ୍ୟରେ ସଂକ୍ରମଣ କମୁଥିବା ଥିବାରୁ କଟକଣା କୋହଳ କରାଯାଇଛି ।

## କରୋନା କମିଛି, ହେଲେ ଟଳିନି ସଂକଟ

## ଦେଶର ୮ଟି ଜିଲ୍ଲାରେ ୧ ପ୍ରତିଶତ ଉପରେ ଆର୍-ଭାଲ୍ୟୁ



ଭୁବନେଶ୍ୱର,୦୩/୦୮(ନି.ପ୍ର): ଦେଶରେ କରୋନା ସଂକ୍ରମଣ କମିଥିଲେ ବି ଟଳିନି କରୋନା ସଂକଟ । ଏନେଇ ଆଜି ସତର୍କ କରିଛନ୍ତି କେନ୍ଦ୍ର ସରକାରଙ୍କ କୋଭିଡ୍ ଟାକ୍ସ ଫୋର୍ସ ମୁଖ୍ୟ ଭିକେ ପଲ୍ । କହିଛନ୍ତି , ଏବେ ବି ଦେଶର ୪୪ଟି ଜିଲ୍ଲାରେ କରୋନା ସଂକ୍ରମଣ ହାର ଅଧିକ ରହିଛି । କରୋନାର ଦ୍ୱିତୀୟ ଲହର ଯାଇ ନାହିଁ । ଗତ ୪ ସପ୍ତାହ ହେଲା ଦେଶର ୧୮ଟି ଜିଲ୍ଲାରେ ସଂକ୍ରମଣ ବୃଦ୍ଧି ପାଉଛି । ଦେଶର ୮ଟି ରାଜ୍ୟ କେରଳ, ତାମିଲନାଡୁ, କର୍ଣ୍ଣାଟକ, ପୁଡୁଚେରୀ, ହିମାଚଳ ପ୍ରଦେଶ, ଜମ୍ମୁକାଶ୍ମୀର, ମିଜୋରାମରେ ଆର ଫ୍ୟାକ୍ଟର ୧ ପ୍ରତିଶତ ଉପରେ ରହୁଛି । ଆର ଫ୍ୟାକ୍ଟର ୧ ପ୍ରତିଶତ ଉପରେ ରହିବା ଚିନ୍ତାର କାରଣ । ଏହାକୁ ରୋକିବାକୁ ହେଲେ, କଂଟାକ୍ଟ ଟ୍ରେସିଂକୁ ଗୁରୁତ୍ୱ ଦେବା ସହ କଂଟେନମେଂଟ ଜୋନ କରି ସଂକ୍ରମଣ ▶▶ପୃଷ୍ଠା ୭

# କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ସାକ୍ଷାତ କଲେ ଶରଦ ପାୱାର

ନୂଆଦିଲ୍ଲୀ,୦୩/୦୮: ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏନସିପି) ମୁଖ୍ୟ ଶରଦ ପାୱାର ମଙ୍ଗଳବାର କେନ୍ଦ୍ର ଗୃହ ଓ ସହଯୋଗ ମନ୍ତ୍ରୀ ଅମିତ ଶାହାଙ୍କୁ ଭେଟିଛନ୍ତି । ପାୱାର ତାଙ୍କୁ ଭେଟିବା ପାଇଁ ସଂସଦ ଗୃହରେ ଶାହାଙ୍କ କାର୍ଯ୍ୟାଳୟରେ ପହଂଚିଥିଲେ । ବୈଠକ ପରେ ପାୱାର ଟ୍ୱିଟ୍ କରି କହିଛନ୍ତି ଯେ, ସେ କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ଭେଟି ଦେଶର ପ୍ରଥମ ସହଯୋଗୀ ମନ୍ତ୍ରୀ ହୋଇଥିବାରୁ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏହି ବୈଠକରେ ସେମାନେ ଦେଶର ବର୍ତ୍ତମାନର ଚିନି ପରିସ୍ଥିତି ଏବଂ ଅତ୍ୟଧିକ ଚିନି ଉତ୍ପାଦନରେ ସମ୍ମୁଖୀନ ହେଉଥିବା ସମସ୍ୟା ଉପରେ ଆଲୋଚନା କରିଥିଲେ । ପାୱାର ତାଙ୍କ ଟ୍ୱିଟ୍ରେ କହିଛନ୍ତି ଯେ, ଚିନି ସମବାୟ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଏବଂ ସମସ୍ୟା ଉପରେ ସେ ଆଲୋଚନା କରିଛନ୍ତି । ନ୍ୟାସନାଲ ଫେଡେରେସନ ଅଫ୍ କୋଅପରେଟିଭ୍ ସୁଗାର ଫ୍ୟାକ୍ଟ୍ରି ଲିମିଟେଡ୍ (ଏନଏଫସିଏସଏଫ) ସଭାପତି ଜୟପ୍ରକାଶ ଦାଣ୍ଡେଗାଓଁକର ଏବଂ ପ୍ରକାଶ ନାୟକନାଭରେ ମଧ୍ୟ ଉପସ୍ଥିତ ଥିଲେ । ସେ ଆହୁରି ମଧ୍ୟ କହିଛନ୍ତି ଯେ, ସର୍ବନିମ୍ନ ସହାୟତା ମୂଲ୍ୟ (ଏମଏସପି) ଏବଂ ଚିନି ମିଲ୍ ପରିସରରେ ଇଥାନଲ ଉତ୍ପାଦନ ୟୁନିଟ୍ ସ୍ଥାପନ ପାଇଁ ଅନୁମତି ଭଳି ଦୁଇଟି ଗୁରୁତ୍ୱପୂର୍ଣ୍ଣ ତଥା ଗମ୍ଭୀର ପ୍ରସଙ୍ଗରେ ଆମେ ସହଯୋଗ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛୁ । ଆଶା କରାଯାଉଛି ଯେ, ଏହି ସମସ୍ୟାର ଶୀଘ୍ର ସହଯୋଗ ମନ୍ତ୍ରୀଙ୍କ ଦ୍ୱାରା ବିଚାର କରାଯିବ । ତେବେ ଶାହାଙ୍କ ସହ ପାୱାରଙ୍କ ସାକ୍ଷାତକୁ ନେଇ ରାଜନୈତିକ କରିଡ଼ରରେ କଳ୍ପନାଜଳ୍ପନା ଚାଲିଛି । ଏହା ପୂର୍ବରୁ ପାୱାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ମଧ୍ୟ ଭେଟିଥିଲେ । ଏଭଳି ପରିସ୍ଥିତିରେ ମହାରାଷ୍ଟ୍ରର ରାଜନୀତିକୁ ନେଇ କଳ୍ପନାଜଳ୍ପନା ଚାଲିଛି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସୀମା ବିବାଦ...

ଦେଶ ସ୍ୱାଧୀନତା ପାଇବା ପରଠାରୁ ବିଭିନ୍ନ ଭୌଗୋଳିକ ସୀମା ନେଇ ରାଜ୍ୟଗୁଡ଼ିକ ଭିତରେ ବିବାଦ ରହିଆସୁଛି । ତାହା କର୍ଣ୍ଣାଟକ ଓ ମହାରାଷ୍ଟ୍ର ହେଉ କି' ଆନ୍ଧ୍ରପ୍ରଦେଶ ଓଡ଼ିଶା କିମ୍ୱା ଛତିଶଗଡ଼ ସହ ହେଉ, ସୀମା ନେଇ କିଛି ନା' କିଛି ସମସ୍ୟା ଲାଗିରହିବା ଏକରକମର ସାଧାରଣ କଥା ହୋଇଛି । ପୂର୍ବୋତ୍ତର କ୍ଷେତ୍ରରେ ଥିବା ବିଭିନ୍ନ ରାଜ୍ୟର ଅପେକ୍ଷାକୃତ ବିଳମ୍ବରେ ସୀମାରେଖା ଟଣା ହେଲା, ତାହାକୁ ନେଇ ଏବେସୁଦ୍ଧା ବିବାଦ କଞ୍ଚା ହୋଇ ରହିଛି । ଆସାମ ଭଳି ରାଜ୍ୟର ସୀମାକୁ ଲାଗି ରହିଥିବା ଅନ୍ୟ କେତେକ ରାଜ୍ୟର ବିବାଦ ସମୟାନ୍ତରରେ ଉଗ୍ର ରୂପ ନେଉଥିବାର ପରିଲକ୍ଷିତ ହେଉଛି । ନିକଟରେ ନାଗାଲ୍ୟାଣ୍ଡ ସହ ଆସାମ ସୀମାକୁ ଜଗି ରହିଥିବା ଯବାନଙ୍କ ସଂଘର୍ଷ ହେଲା, ଯାହାଫଳରେ ସୈନ୍ୟଙ୍କର ମୃତ୍ୟୁ ଘଟିଲା । ନାଗାଲ୍ୟାଣ୍ଡ ସୀମାକୁ ଲାଗି କରି ଥିବା ଆସାମର କେତେକ କ୍ଷେତ୍ରକୁ କଥିତ ନାଗା ମୂଳବାସିନ୍ଦା ଅନୁପ୍ରବେଶ କରି ଆସାମର ଯବାନମାନଙ୍କ ସହ ସଂଘର୍ଷ ଭିଆଇଲେ । ବିବାଦ ଅଧିକ ତିକ୍ତ ସ୍ତରକୁ ଚାଲି ଆସିବାରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଏଥିନେଇ ହସ୍ତକ୍ଷେପ କରିବାକୁ ବାଧ ହେଲେ । ଆସାମର ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଏହି ସମସ୍ୟା ନେଇ ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି, ସକାରାତ୍ମକ ହସ୍ତକ୍ଷେପ ଲୋଡ଼ିଛନ୍ତି । ତାହା ବାଦ୍ ରାଜ୍ୟର ସର୍ବଦଳୀୟ ବୈଠକରେ ଜୁଲାଇ ୨୬ରେର ସୀମା ସଂଘର୍ଷ ନେଇ ଉଦ୍‌ବେଗ ପ୍ରକଟ କରାଯିବା ସହ ସୁପ୍ରିମ କୋର୍ଟଙ୍କ ହସ୍ତକ୍ଷେପ ସକାଶେ ସହମତି ପ୍ରକାଶ ପାଇଥିଲା । ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଓ ମିଜୋରାମ ମୁଖ୍ୟମନ୍ତ୍ରୀ ଜୋରାମଥାଙ୍ଗା ପରିସ୍ଥିତି ବିଶେଷରେ ସ୍ଥିତି ସଚେତନ ହୋଇ ନରମ ଭାବ ଦେଖାଇଛନ୍ତି, ସୀମା ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ସନ୍ଧି କରିଛନ୍ତି । ହିମନ୍ତଙ୍କ ବିରୋଧରେ ଯେଉଁ ହତ୍ୟା ମାମଲା ରୁଜୁ ହୋଇଥିଲା, ତାହାକୁ ଉଠାଇନେବା ସକାଶେ ଜୋରାମଥାଙ୍ଗା ଇଚ୍ଛା ପ୍ରକାଶ କରିଥିବା ଉଭୟ ରାଜ୍ୟ ଭିତରେ ଶାନ୍ତି ଫେରାଇ ଆଣିବା ଦିଗରେ ପ୍ରୟାସର ଅଂଶବିଶେଷ ଭାବେ ଦେଖି ପାରୁଛନ୍ତି ପର୍ଯ୍ୟବେକ୍ଷକ ମହଲ । ଏହି ସୀମା ବିବାଦଜନିତ ଅଘଟଣ ଏତିକିରେ ସରିଯିବ ବୋଲି କେହି କହିପାରିବେ ନାହିଁ । କାରଣ ମୂଳ ଆସାମରୁ ଅଲଗା କରାଯାଇ ନାଗାଲ୍ୟାଣ୍ଡ ଗଠନ ହେବା ବେଳରୁ ହିଁ ସମସ୍ୟାର ମଞ୍ଜି ରହିଛି । ସେହି ମଞ୍ଜିରୁ ବଡ଼ ଦ୍ରୁମ ପାଲଟି ସାରିଥିବା ବିବାଦର ମୂଳୋତ୍ପାଟନ ଏମିତିରେ ରାତାରାତି ସମ୍ଭବ ହେବ ବୋଲି ଆଶା କରାଯିବା ନିରର୍ଥକ । ତାହାରି ଭିତରେ କେନ୍ଦ୍ର ତଥା ବିବାଦରେ ରହିଥିବା ଦୁଇ ରାଜ୍ୟଙ୍କ ଉଦ୍ୟମ ଶାନ୍ତିର ପୁନର୍ବହାଲରେ ସହାୟକ ହେବ ବୋଲି ଆଶା କରାଯିବା ଭୁଲ୍ ହେବନାହିଁ । ଅରୁଣାଚଳ ପ୍ରଦେଶ ବିଦେଶୀ ଅନୁପ୍ରବେଶକାରୀଙ୍କ ନଜରରେ ବରାବ ରହିଛି । ଏଯାଏଁ ଚୀନ୍ ଅରୁଣାଚଳର ବ୍ୟାପକ କ୍ଷେତ୍ର ଦଖଲରେ ରଖିଛି । ଯଦି ରାଜ୍ୟମାନେ, ବିଶେଷକରି ସୀମାବର୍ତ୍ତୀ କ୍ଷେତ୍ରକୁ ଲାଗିକରି ଥିବା କ୍ଷେତ୍ରରେ ବିବାଦ କଞ୍ଚା ହୋଇ ରହେ, ତାହାର ଫାଇଦା ଶତ୍ରୁପକ୍ଷ ନେବା ଅସମ୍ଭବ ନୁହେଁ । ଉଭୟ ଆସାମ ଓ ନାଗାଲ୍ୟାଣ୍ଡର ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ପ୍ରଶାସକଙ୍କୁ ଉତ୍ପନ୍ନ ବିବାଦର ସମାଧାନ ସକାଶେ ଏକାଧିକ ବୈଠକ ଡାକି ସୂତ୍ର ବାହାର କରିବା ଲାଗି ପରାମର୍ଶ ଦେଇଛନ୍ତି । ମାତ୍ର ଯେମିତି କୁହାଯାଇଛି ସୀମା ବିବାଦ ଖାଲି ଜମି କିମ୍ୱା ପଡ଼ାକୁ ନେଇ ହେଉଛି, ତାହା ନୁହେଁ । ରାଜ୍ୟଗୁଡ଼ିକରେ ଥିବା ଜାତିଗତ ବିଦ୍ୱେଷର ମଧ ଭୂମିକା ରହୁଛି । ଜୁଲାଇ ୨୬ର ସଂଘର୍ଷ ନେଇ ମିଜୋରାମ ପୁଲିସ ପକ୍ଷରୁ ମାମଲା କରାଯାଇଛି, ତାହାର ନିରପେକ୍ଷ ସଂସ୍ଥା ଦ୍ୱାରା ତଦନ୍ତ ଚାହିଁଛନ୍ତି ଆସାମ ମୁଖ୍ୟମନ୍ତ୍ରୀ । ଜାଣିବା ଶୁଣିବା ମହଲର ମତ, ଯେହେତୁ ସ୍ଥାୟୀ ଉଭୟ ସଂଘର୍ଷରତ ରାଜ୍ୟ ଏନ୍‌ଡିଏ-ଶାସିତ, ତେଣୁ କେନ୍ଦ୍ର ବିବାଦର ସ୍ଥାୟୀ ସମାଧାନ ପାଇଁ ଠୋସ୍ ପଦକ୍ଷେପ ନନେଇ ଚୁପ୍ ହୋଇ ବସି ରହିବା ଠିକ୍ ହେଉନାହିଁ । ଅକାରଣରେ ଆସାମର ଯବାନମାନଙ୍କର ମୃତ୍ୟୁ ହେଲା ଏବଂ ଦଶ ବାରଟି ପରିବାର ମୁରବି-ଛେଉଣ୍ଡ ହୋଇଗଲେ, ସେପର୍ଯ୍ୟନ୍ତ ମାମଲାକୁ ଆଗେଇ ଯିବାକୁ ଦିଆଯିବା ଆଦୌ ଠିକ୍ ହୋଇନାହିଁ । ଦେଖିବାର କଥା, ମାମଲାର ନ୍ୟାୟିକ ସମାଧାନର ରାସ୍ତା ଫିଟିବା ପରେ କିଭଳି ଉଭୟପକ୍ଷ ପାରସ୍ପରିକ ସମ୍ପର୍କ ସ୍ୱାଭାବିକ କରିବା ଦିଗରେ କେତେ ଆଗ୍ରହୀ ହେଉଛନ୍ତି ।

## ସ୍ମାର୍ଟସିଟିର ବଡଦୁଃଖ ଜଳନିଷ୍କାଷ ଅବ୍ୟବସ୍ଥା




**ଇଂ. ବିଦ୍ୟାଧର ପଣ୍ଡା**

*ବି.ଟେକ୍. ସିଭିଲ୍, ଏମ୍.ଟେକ୍. (ପରିବେଶ), ଏଲ୍ଏଲ୍‌ବି*

*ଏଲ୍-୧୭/୧୫, ପଂଚଶଖା ନଗର, ଡୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯*

*ମୋ-୯୪୩୯୧୨୮୦୫୦*


ସ୍ମାର୍ଟ ସିଟି ଭୁବନେଶ୍ୱରର ବଡଦୁଃଖ ହେଲା ଅତି ଖରାପ ଜଳ ନିଷ୍କାସନ ଯୋଜନା ବ୍ୟବସ୍ଥା। ଓଡିଶାର ଯେତେ ସହର ସବୁଠାରୁ ଏହି ଜଳ ନିଷ୍କାସନ ଦିଗଟିକୁ ବିଚାରକୁ ନେଲେ ଭୁବନେଶ୍ୱର ଆଗରୁ ବହୁତ ଭଲ ଥିଲା। ଏବେ ଯେମିତି ଅଳ୍ପବର୍ଷାରେ, ଅର୍ଥାତ ମଫସଲ ଭାଷାରେ ବେଙ୍ଗମୁତିଲେ ବଢି ଆସି ଲୋକମାନଙ୍କର ଶୋଇବାଘରେ ପାଣି ପଶିଯାଉଛି ସେମିତି ଆଦୌ ନଥିଲା। ସହରଟିର ରାସ୍ତାଘାଟରେ ଉଠାଣି ଗଡାଣି ଭରପୁର ଥିବାରୁ ଅତିସହଜରେ ଜଳ ନିମ୍ନଗାମି ହୋଇ ଦୟାନଦୀରେ ମିଶିଯାଉଥିଲା। ଏବେ ଯଦି ଜଣେ ଅଧଘଂଟା ବର୍ଷାପରେ ରସୁଲଗଡ ଓଭରବ୍ରିଜ୍‌ରେ ଉଠି ସିଧା ଆଇଗିଣିଆଛକରେ ଓହ୍ଲାଏ ତେବେ ଅଗଣିତ ଜଳାଶୟ ରାସ୍ତା ଦୁଇକଡରେ ଦେଖିବାକୁ ମିଳିବ। ସବୁଠାରୁ ବଡବନ୍ୟାର ଦୃଶ୍ୟ ଦେଖିହେବ ଇସ୍କନମନ୍ଦିର ଅଂଚଳରେ। ଏଇ କିଛିଦିନ ତଳେ ଅତିବେଶୀରେ ଏକଘଂଟା ବର୍ଷାରେ ପ୍ରାୟ ଗଳିକନ୍ଦି ଜଳାର୍ଣ୍ଣବ ହେବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ଆମେ ସ୍ମାର୍ଟସହରକୁ କ'ଣ କେବଳ ଫେୟାରୱେଦର୍ ସ୍ମାର୍ଟସହର କହିବା! ବର୍ଷାଋତୁ ଚାରିମାସ ସାଧାରଣ ସହର ଅବା ନୋଳାସହର ଏବଂ ବାକି ଆଠମାସ ସ୍ମାର୍ଟସହର କହିଲେ ଚଳିବ! କଂଗ୍ରେସ ସୁରଭାଇ ସ୍ମାର୍ଟସିଟିର ରାଜରାସ୍ତା ଉପରେ ଡଙ୍ଗାରଖି ସରକାରଙ୍କୁ ସମାଲୋଚନା କଲେ ଯେ କେହି ଶୁଣିବାର ନାଁ ଗନ୍ଧ ନାହିଁ। ହ ମ! ବିରୋଧିଙ୍କର ଆଜିକାଲି କାଢୁନାହିଁ। ଖାଲି ମାନସିକ କଣ୍ଡୁ ବିନୋଦନ କରିବାପାଇଁ ନିଜେନିଜେ ହରତାଳ କରି ଗଣମାଧମରେ ମୁହଁ ଦେଖେଇ ଟାଇମ୍‌ପାସ୍ କରିବା କଥା।

ସ୍ମାର୍ଟ ସହର ଚିନ୍ତାଧାରା ଆସିଥିଲା ସହରର କିଛି ଦରକାରି ଭିତ୍ତିଭୂମିକୁ ଦୁରୁସ୍ତ କରି ଲୋକାଭିମୁଖୀ କରାଇବା ପାଇଁ। କିନ୍ତୁ ଏ ଦିଗରେ କାମ କରୁକରୁ ଆମେ ବହୁତକିଛି କଲେ ସତ, ହେଲେ ଅସଲ ମଞ୍ଜିକଥାକୁ ଭୁଲିଗଲେ। ଯେତେ ପ୍ରାକୃତିକ ନାଳନର୍ଦ୍ଦମାର ଛୋଟବଡ ଜଳପଥ ଆଗରୁ ଅନାଦିକାଳରୁ ରହିଥିଲା ସେଗୁଡିକର ମହତ ବୁଝିଲେନି। ପ୍ରଥମେ ସେସବୁର ସୁରକ୍ଷା କରିବାର ଆବଶ୍ୟକତା ଥିଲା। ଏବେ ବର୍ତ୍ତମାନର ସରକାର କହିପାରିବେନି ଯେ ପୂର୍ବସରକାର ସବୁ ବୁଜି ପୋତିଦେଇ ଚାଲିଗଲା ବୋଲି ଏବେ ସହର ଜଳାର୍ଣ୍ଣବ ହେଉଛି! କାରଣ ଏହି ଗୋଟିଏଦଳ ଦୁଇଦଶନ୍ଧି ହେଲା ରାଜଗାଦିରେ ବସି ଶାସନକରୁଛି। ଏହାପୂର୍ବରୁ ଆମର ଯେଉଁ ମେଟ୍ରୋ କନ୍‌ସେପ୍ଟ ଥିଲା ତାହା ବି ସମ୍ପୂର୍ଣ୍ଣରୂପରେ କାର୍ଯ୍ୟକାରୀ ହୋଇଥିବାର ଦୃଷ୍ଟିଗୋଚର ହେଉନି। ଫଳାଫଳ ସ୍ୱରୂପ ଆମେ ଲଗାଣବର୍ଷାରେ ମୁମ୍ବେଇ, ଚେନାଇ, କୋଲକତା ଏବଂ ଦିଲ୍ଲୀ ପରି ଦେଶର ଚାରୋଟି ମୁଖ୍ୟସହରର ଦୁଃଖଦ ଚିତ୍ର ଗଣମାଧ୍ୟମରେ ଦେଖିବାକୁ ପାଉଛେ। ସେ ସବୁକୁ ବିଶ୍ଲେଷଣ କରି ଆମସହରର ମାଷ୍ଟରପ୍ଲାନ୍ ପ୍ରସ୍ତୁତ୍ ହେବା ଦରକାର। ବିଶ୍ୱର ଯଦି ସବୁଠାରୁ ଉନ୍ନତ ଏବଂ ସ୍ମାଟେଷ୍ଟ ସହର ବୋଲି କାହାକୁ ଖୋଜିବା ତେବେ ତାହା ହେବ ସିଙ୍ଗାପୁର୍। ସେଠି ଅନେକ କିଛି ଭଲ, କିନ୍ତୁ ତନ୍ମଧ୍ୟରେ ଏହି ଜଳନିଷ୍କାସନ ବ୍ୟବସ୍ଥାଟି ସର୍ବୋତ୍ତମ। ଆମର ନୀତି ନିର୍ଦ୍ଧାରଣ ଅଧିକାରୀମାନେ ସେସବୁ ସହରକୁ ଗସ୍ତକରି ନିଜଆଖିରେ ଦେଖିଆସି ଏଠି ତାର ସମାଧାନ ଖୋଜିଲେ ଭଲହୁଅନ୍ତା। ନଚେତ୍ ଏହି କଡିଟି ସବୁଦିନ ପାଇଁ ଏକ ଅଜାଗା ଘା ପରି ସ୍ମାର୍ଟସହର ଛାତିରେ ଯନ୍ତ୍ରଣା ଦେଉଥିବ ଏବଂ ଲୋକେ କହିବେ ଭୁବନେଶ୍ୱର ସ୍ମାର୍ଟସିଟିର ବଡଦୁଃଖ ଜଳନିଷ୍କାଷ ଅବ୍ୟବସ୍ଥା।

## ଡେଲଟା ଭାରିଆଣ୍ଟ ଓ ସମ୍ଭାବିତ ୩ୟ ଲହର




**ପ୍ରଦୋଷ କୁମାର ଦାସ**

*ସା/ପୋ:- ନାଚୁଣୀ*

*ଜିଲ୍ଲା:-ଖୋରଧା-୭୫୨୦୩୪*

*(ମୋ)୬୩୭୦୪୯୫୯୪୪*


ଭୂତାଣୁବିତ୍ ଓ ମହାମାରୀ ବିଶେଷଜ୍ଞଙ୍କ ଅନୁଶୀଳନ ଅନୁଯାୟୀ କରୋନା ଭୂତାଣୁର ସବୁଠାରୁ ମାରାତ୍ମକ ତଥା ଦୃତତମ ଭାରିଆଣ୍ଟ ହେଉଛି 'ଡେଲଟା' । ୨ୟ ଲହର ଶେଷ ହେବା ସ୍ପଷ୍ଟ ନହେଉଣୁ ଏବେ କରୋନାର ୩ୟ ଲହରର ପଦପାତ ଶୁଭାଗଲାଣି। ଆମ ଦେଶବାସୀଙ୍କୁ କରୋନା ଭୂତାଣୁର ଏହି ଡେଲଟା ପ୍ରଜାତି ଅଡୁଆ ଧରିବା ଥୟ ବୋଲି ବିଶେଷଜ୍ଞମାନେ ଅନୁମାନ ଲଗାଇଲେଣି । ସୂଚନା ମୁତାବକ ଚଳିତ ମାସରେ କୋଭିଡ-୧୯ର ୩ୟ ଲହର ଆସିଯିବ ବୋଲି ସଂକ୍ରମଣ ହ୍ରାସ ଓ ବୃଦ୍ଧିର ଗାଣିତିକ ସୂତ୍ରକୁ ଆଧାର କରି ବିଶେଷଜ୍ଞମାନେ ପୂର୍ବାନୁମାନ ଲଗାଇଲେଣି। ଏହାକୁ ଭିତ୍ତି କଲେ ବର୍ତ୍ତମାନ ଆମ ଦେଶରେ ନିତିପ୍ରତିଦିନର ସମୁଦାୟ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧିରେ ବିରାମ ମଧ ଲାଗୁନଥିବାରୁ ଚିନ୍ତା ବଢିବାରେ ଲାଗୁଛି। ଚଳିତ ଅଗଷ୍ଟ ମାସ ୨ ତାରିଖରୁ ଆମ ଦେଶର ୧୭ ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳରେ ଦୈନିକ ସଂକ୍ରମଣ କ୍ରମେ ବୃଦ୍ଧି ପାଉଥିବା ଖବରରୁ ପ୍ରକାଶ। ଏଥିରେ କେରଳରେ ସର୍ବାଧିକ ୨୦,୭୨୮ ମାମଲା, ମହାରାଷ୍ଟ୍ରରେ ୬,୪୭୯ ମାମଲା, ଆନ୍ଧ୍ରପ୍ରଦେଶରେ ୨,୨୮୭, ତାମିଲନାଡୁରେ ୧୯୯୦, କର୍ଣ୍ଣାଟକରେ ୧୮୭୫ ମାମଲା ଚିହ୍ନଟ ହୋଇଥିବା ପ୍ରକାଶ। ଗାଏମୋଟ ସାରା ଦେଶରେ ୪୦,୧୩୪ ନୂଆ ମାମଲା ଗତ ୨ ତାରିଖରେ ଚିହ୍ନଟ ହୋଇଛି। ଏମଧରେ ସାରା ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩,୧୬,୯୫,୯୫୮ ତଥା ମୃତ୍ୟୁ ସଂଖ୍ୟା ୪,୨୪,୭୭୩କୁ ପହଞ୍ଚିଥିବା ରେକର୍ଡ କହୁଛି । ଆମ ରାଜ୍ୟ ଓଡିଶାରେ ଅଗଷ୍ଟ ୨ ତାରିଖ ସୁଦ୍ଧା କରୋନା ମୃତ୍ୟୁ ସଂଖ୍ୟା ୬୦୩୩ରେ ପହଞ୍ଚିଯାଇଥିବା ଅଫିସିଆଲ ରେକର୍ଡର ତଥ୍ୟ କହୁଛି । କରୋନାର ପ୍ରଥମ ଲହରରେ ୧୮୭୬ ମୃତ୍ୟୁ ବରଣ କରିଥିବା ବେଳେ ବର୍ତ୍ତମାନ ଚାଲିଥିବା ୨ୟ ଲହର ଅବସରରେ ଚଳିତ ଅଗଷ୍ଟ ୨ ତାରିଖ ସୁଦ୍ଧା ମୃତ୍ୟୁ ସଂଖ୍ୟା ୬ ହଜାରକୁ ଟପିଯିବା ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ଚିନ୍ତା ବଢାଇ ଦେଇଛି। ଏଥି ସହ ରାଜ୍ୟରେ ନୂତନ ସଂକ୍ରମିତଙ୍କ ସଂଖ୍ୟାରେ ଅପେକ୍ଷାକୃତ ହ୍ରାସ ଘଟିଥିଲେ ମଧ ଦୈନିକ କୋଭିଡ ମୃତକଙ୍କ ସଂଖ୍ୟା ୫୦ ରୁ ଟପି ୬୦ ଉପରକୁ ଉଠିଏହା ଆମ ରାଜ୍ୟ ଓଡିଶା ପାଇଁ ନିହାତି ଚିନ୍ତାର ବିଷୟ ଅଟେ। କରୋନାରେ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି ହାଇଦ୍ରାବାଦ ଏବଂ କାନପୁରର ମଥୁକୁମାଲ୍ଲୀ ବିଦ୍ୟା ସାଗର ଏବଂ ମଣୀନ୍ଦ୍ର ଅଗ୍ରୱାଲଙ୍କ ନେତୃତ୍ୱରେ ଚାଲିଥିବା ଅନୁଧ୍ୟାନ ଅବସରରେ ଗବେଷକମାନେ ଚଳିତ ଅଗଷ୍ଟ ମାସ ଶେଷ ସୁଦ୍ଧା ଏହି କୋଭିଡ-୧୯ ମହାମାରୀ ମାମଲାରେ କ୍ରମେ ସମ୍ଭାବ୍ୟ ବୃଦ୍ଧି ଘଟି ତୃତୀୟ ଲହର ରୂପରେ ଅବତୀର୍ଣ୍ଣ ହେବ! ଏହା ଆସନ୍ତା ଅକ୍ଟୋବର ମାସରେ ଶୀର୍ଷ ଛୁଇଁପାରେ ବୋଲି ଗବେଷକମାନେ ପୂର୍ବାନୁମାନ ଲଗାଇଛନ୍ତି । ଏଣୁ ଭାରତକୁ ଏହାର ଦୃତ ଟିକାକରଣ ଉପରେ ଗୁରୁତ୍ୱ ଦେବାକୁ ହେବ। ଟିକାକରଣକୁ ତ୍ୱରାନ୍ୱିତ କରିବା ସହ ନୂତନ ହଟ ସ୍ପଟକୁ ଠାବ କରିବା ତଥା ନୂତନ ପ୍ରଜାତି ଉତ୍ପନ୍ନ ହେବାର ସମ୍ଭାବନାକୁ ପ୍ରତିହତ କରିବାକୁ ହେବ। ଏହାକୁ ଦୃଷ୍ଟିରେ ରଖି ଜିନୋମ ସିକ୍ୱେନ୍ସିଂ ଜରିଆରେ ସଜାଗ ରହିବା ପାଇଁ ଭାରତର ସ୍ୱାସ୍ଥ୍ୟ ବିଭାଗ ଓ ବିଶେଷଜ୍ଞମାନେ ତତ୍ପରତାର ଦୃଢ ପଦକ୍ଷେପ ନେବା ଜରୁରୀ। କେବଳ ସେତିକି ନୁହେଁ, କ୍ରମବର୍ଦ୍ଧିଷ୍ଣୁ ସଂକ୍ରମଣରେ 'ଆର' ଭ୍ୟାଲ୍ୟୁ କିଭଳି ନିୟନ୍ତ୍ରଣାଧୀନ ରହିବାରେ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଅନୀଶୀଳନ କରି ପ୍ରତିକାର ପାଇଁ ଆବଶ୍ୟକ ପଦକ୍ଷେପ ନେବା ଜରୁରୀ। କାରଣ କେତେକ ବିଶେଷଜ୍ଞ ମାନଙ୍କ ପକ୍ଷରୁ କୋଭିଡ -୧୯ ର ସଂପ୍ରତ୍ତି ନୂତନ ପ୍ରଜାତି 'ଡେଲଟା' ଭାରିଆଣ୍ଟ ହାଡଫୁଟି ଭଳି ସହଜରେ ବ୍ୟାପିଯିବା ଏବଂ ଏହା ମଧ ଟିକା ନେଇଥିବା ବ୍ୟକ୍ତିଙ୍କୁ ସଂକ୍ରମିତ କରିପାରେ ବୋଲି ଆଶଙ୍କା ବ୍ୟକ୍ତ କରାଯାଉଛି। ଏହି ୩ୟ ଲହର ବିଶେଷ ଭାବେ ସବୁଠାରୁ ଅଧିକ ଶିଶୁ କିଶୋର ମାନଙ୍କୁ ସଂକ୍ରମଣ କରିବା ଆଶଙ୍କା ବ୍ୟକ୍ତ କରାଯାଉଛି। ସଂପ୍ରତ୍ତି ଟିକାକରଣ ୧୮ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କ ଯାଏଁ ଟିକାକରଣ ଚାଲିଥିବାବେଳେ ଏଯାଏଁ ୧୮ ବର୍ଷ ତଳ ବୟସଙ୍କୁ ଟିକାକରଣ ପ୍ରାରମ୍ଭ ହୋଇନାହିଁ। ବର୍ତ୍ତମାନ କୋଭିଡ -୧୯ ର ସବୁଠାରୁ ଭୟାନକ ସଂକ୍ରମଣ ପ୍ରଜାତି 'ଡେଲଟା' ହିଁ ସାରା ବିଶ୍ୱ ପାଇଁ ସବୁଠାରୁ ବଡ ବିପଦ ବୋଲି ଅଣୁଜୀବ ବିଶାରଦ ଶାରୋନ ପିକକ୍ ମତ ବ୍ୟକ୍ତ କରିଛନ୍ତି । ଇଉରୋପରେ ଏହି ଡେଲଟା ଏବେ କୋଭିଡ-୧୯ ର ନୂତନ ପ୍ରଜାତି ରୂପେ କରାଳ ଲୀଳା ରଚିଚାଲିଛି। ଆମେରିକାରେ ଏହି ଡେଲଟା ଭାରିଆଣ୍ଟ ଶତକଡା ୮୩ ପ୍ରତିଶତ ନୂତନ ସଂକ୍ରମଣର ପ୍ରତିନିଧିତ୍ୱ କରୁଥିବା ପ୍ରକାଶ। ଟିକା ନେଇଥାବା ସତ୍ତ୍ୱେ ଇସ୍ରାଏଲ ଓ ସିଂଗାପୁରରେ ଶତକଡା ୬୦ ଭାଗ ସଂକ୍ରମିତ ଡେଲଟା ଭାରିଆଣ୍ଟର ଶିକାର ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ସଂପୃକ୍ତ ଦେଶର ସ୍ୱାସ୍ଥ୍ୟ ବିଭାଗ ପ୍ରଦତ୍ତ ତଥ୍ୟ କହୁଛି। ବ୍ରିଟେନରେ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଡେଲଟା ଭାରିଆଣ୍ଟ ସଂକ୍ରମିତଙ୍କ ମଧରେ ପ୍ରାୟ ୫୮.୩ ପ୍ରତିଶତ ବ୍ୟକ୍ତି ଟିକା ନେଇନଥିବା ଇଂଲଣ୍ଡ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ସିଂଗାପୁରରେ କରୋନା ରୋଗୀଙ୍କ ମଧରେ ଅଧିକାଂଶ ଡେଲଟା ଭାରିଆଣ୍ଟ ଦ୍ୱାରା ସଂକ୍ରମିତ। ୨୮ ଗୋଟି ଇଉରୋପୀୟ ରାଷ୍ଟ୍ର ମଧ୍ୟରୁ ୧୯ ଟିରେ ଡେଲଟା ପ୍ରଜାତି ଦୃତ ସଂକ୍ରମଣର ଏକ ପ୍ରମୁଖ କାରଣ ହୋଇଛି। ଅଷ୍ଟ୍ରେଲିଆରେ କରୋନାର ଡେଲଟା ଭାରିଆଣ୍ଟର ସଂକ୍ରମଣ କାୟା ବିସ୍ତାର ଦୃତଗତିରେ ଚାଲିଛି। ଅଷ୍ଟ୍ରେଲିଆରେ ଭୟାନକ ସ୍ଥିତିକୁ କାବୁ କରିବାକୁ ସେଠାର ପ୍ରମୁଖ ସହର ଯଥା କ୍ୱିନ୍ସଲ୍ୟାଣ୍ଡ, ବ୍ରିସବେନ, ନ୍ୟୁ ସାଉଥ ୱେଲ୍ସ, ସିଡନିରେ ବ୍ୟାପକ ଟିକାକରଣ ଓ କୋଭିଡ କଟକଣା ଜାରି ପାଇଁ ଲକଡାଉନ ସହ ସେନାର ସହାୟତା ନିଆଯାଇଛି। ସେଠାରେ ପରିସ୍ଥିତି ସ୍ୱାଭାବିକ ନହେବାଯାଏଁ କୋଭିଡ ଆଇନ କଡାକଡି ପାଳନ ସହ ଲକ ଡାଉନ ଜାରି ରହିବ ବୋଲି ସରକାରୀ ନିଷ୍ପତ୍ତି ଜାରି ହୋଇଛି। କରୋନାର ଡେଲଟା ପ୍ରଜାତିର ସଂକ୍ରମଣ ପାଇଁ କରୋନାର ଉତ୍ପତ୍ତି ସ୍ଥଳ ଚୀନ ଦେଶରେ ମଧ ସ୍ଥିତି ବିଗିଡିଯାଉଥିବା ଖବର ମିଳିଛି। ବର୍ତ୍ତମାନ ସୁଦ୍ଧା ଡେଲଟା ଭାରିଆଣ୍ଟ ଚୀନର ପ୍ରାୟ ୧୨ ଟି ପ୍ରଦେଶରେ ସଂକ୍ରମଣ ତୀବ୍ର ଗତିରେ ମାଡିଗଲାଣି। ସେଠାରେ ଟେଷ୍ଟିଂ ଓ ଟିକାକରଣ ଓ ଲକ ଡାଉନ ପଦକ୍ଷେପ ନିଆଯାଇଛି। ଏତଦବ୍ୟତୀତ ସଂପୃକ୍ତ ଚୀନା ପ୍ରଦେଶ ଗୁଡିକରେ ସ୍ଥିତି ନିୟନ୍ତ୍ରଣ ପାଇଁ କୋଭିଡ କଟକଣା ଜାରି ସହ ଅନ୍ୟାନ୍ୟ ତ୍ୱରିତ ପଦକ୍ଷେପ ନିଆଯାଉଛି। କରୋନାର ଅନ୍ୟ ଏକ ପ୍ରଜାତି 'ଆଇଫା' ଠାରୁ 'ଡେଲଟା' ପ୍ରଜାତି ଶତକଡା ୪୦ ରୁ ୫୦ ଭାଗ ଅଧିକ ସଂକ୍ରାମକ ତଥା ଭୟାନକ ବୋଲି କ୍ରମେ ସାବ୍ୟସ୍ତ ହେବାରେ ଲାଗିଛି।

ଯଦି ଉକ୍ତ ଡେଲଟା ଭାରିଆଣ୍ଟର ସଂକ୍ରମଣ ତ୍ୱରାନ୍ୱିତ ହୋଇ ଏହାର ପ୍ରକୋପ ଜାରି ରହେ, ତେବେ ବିଶ୍ୱ ଜନସମୁଦାୟଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ବିପଦାପନ୍ନ ହୋଇଯିବା ଅବଶ୍ୟମ୍ଭାବୀ। ଉପରୋକ୍ତ ବିଚାରକୁ ନେଲେ ଆମ ଦେଶର ୧୪୦ କୋଟିରୁ ଉର୍ଦ୍ଧ୍ୱ ଜନସମୁଦାୟଙ୍କର ଉଭୟ ମାତ୍ରା ଟିକାକରଣ ଶୀଘ୍ରାତିଶୀଘ୍ର ସଂପୂର୍ଣ୍ଣ ହେବା ଜରୁରୀ।

ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ପାରସ୍ପରିକ ସମନ୍ୱୟ ରକ୍ଷା କରି ଧୀରମନ୍ଥର ଗତିରେ ଅଦ୍ୟାବଧି ଚାଲିଥିବା ଉଭୟ ମାତ୍ରା ଟିକାକରଣକୁ ସ୍ୱାଭାବିକ ପ୍ରକ୍ରିୟାରେ ସମୟୋଚିତ ସୁଲଭ ହୋଇପାରିବାରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନିଆଯିବା ଜରୁରୀ। ସମସ୍ତ ପ୍ରକାର ଭିଡ ଓ ସମାଗମରୁ ଦୂରେଇ ସାମାଜିକ ଦୂରତା ରକ୍ଷା, ମାସ୍କ ପରିଧାନ ଉପରେ ସର୍ବ ସାଧାରଣ ସ୍ୱୟଂ ସଚେତନ ହେବା ଜରୁରୀ। ୧୮ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି ଅମାନିଆ ହୋଇ କରୋନା କଟକଣା ନମାନିଲେ ଏହାର ପ୍ରତିଫଳ ଘରର ସାନ ପିଲାଙ୍କ ଉପରେ ଗଭୀର ପ୍ରଭାବ ପକାଇବ ବୋଲି କେହି ଭୂଲିଯିବା ଉଚିତ ନୁହେଁ। ଆମେ ଅମାନିଆ ବାହାରେ ବୁଲି ସଂକ୍ରମଣକୁ ଆହ୍ୱାନ କରି ନିଜ ଘର ପରିବାର ମଧ୍ୟକୁ ସଂକ୍ରମଣକୁ ଆମନ୍ତ୍ରଣ କରିବା କେଉଁ ବୁଦ୍ଧିମାନର କାର୍ଯ୍ୟ!? ଏଯାଏଁ ଟିକା ନେବା ସୁବିଧାରୁ ବଞ୍ଚିତ ରହିଥିବା ୧୮ ବର୍ଷରୁ କମ ବୟସ୍କ ପିଲାଙ୍କ ଉପରେ ଆଶଙ୍କିତ ୩ୟ ଲହର ପ୍ରଭାବ ପକାଇପାରେ ବୋଲି ବିଶେଷଜ୍ଞଙ୍କ ପକ୍ଷରୁ ପୂର୍ବାନୁମାନ କଲେଣି। ଯେଉଁମାନେକି ବାସ୍ତବରେ ଆମର ଉତ୍ତର ପୀଢି, ସେହିମାନଙ୍କର ସୁରକ୍ଷା ସମେତ ଆପଣାର ତଥା ଆପଣା ଅଂଚଳର ଜନସମୁଦାୟଙ୍କୁ ଆଶଙ୍କିତ ତଥା ସମ୍ଭାବିତ ୩ୟ ଲହର ସଂକ୍ରମଣରୁ ସୁରକ୍ଷା ପ୍ରଦାନ ପାଇଁ ଆମ ସମସ୍ତଙ୍କୁ ସ୍ୱାସ୍ଥ୍ୟ ସଚେତନ ଓ ଆବଶ୍ୟକ କରୋନା କଟକଣାକୁ ଅନୁପାଳନ କରିବା ନିହାତି ଜରୁରୀ। ୩ୟ ଲହରର ସମ୍ଭାବିତ ପଦପାତକୁ କର୍ଣ୍ଣପାତ କରି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଅଦ୍ୟାବଧି ଚାଲିଥିବା ଟିକାକରଣକୁ ତ୍ୱରାନ୍ୱିତ କରି ଶିଶୁ ଓ କିଶୋରଙ୍କୁ ମଧ ତୁରନ୍ତ ଏହି ଟିକାକରଣରେ ସାମିଲ କରିବାକୁ ଆବଶ୍ୟକ ପଦକ୍ଷେପ ନେବା ଜରୁରୀ ଅଟେ। ଏଥି ସହ ୧ମ ଓ ୨ୟ ଲହର ଚାଲାଥିବା ଅବସରରେ ଉପୁଜିଥିବା ବିଭିନ୍ନ ସମସ୍ୟାକୁ ଅନୁଧ୍ୟାନ କରି ଆଗାମୀ ସମ୍ଭାବ୍ୟ ୩ୟ ଲହରର ମୁକାବିଲା ନିମନ୍ତେ ସବୁ ଅଂଚଳରେ ଆବଶ୍ୟକ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ କରିବା ଓ ସଜାଡିବା ଆବଶ୍ୟକ। ସବୁ କ୍ଷେତ୍ରରେ, ସବୁ ସ୍ତରରେ ଆମ ଦେଶବାସୀ ଓ ସରକାର, ପ୍ରଶାସନ ସତତ ସତର୍କ ନରହିଲେ ହୁଏତ ଆମେ ସର୍ଭିଙ୍କର ଆଗାମୀଦିନଗୁଡିକ ଜୀବନମରଣ ସମସ୍ୟା ବହୁଳ ହୋଇଯିବ। ଏଣୁ ଆମକୁ ଆମର ସୁସଂହତ ଉପାୟରେ ସ୍ୱାସ୍ଥ୍ୟ ସଚେତନତା ଓ ସତର୍କତା କରୋନାର ଏହି ଡେଲଟା ଭାରିଆଣ୍ଟ ବିରୋଧରେ ଲଢିବାକୁ ନିଶ୍ଚୟ ଖୋରାକ ଯୋଗାଇବ ଓ ଅନ୍ୟପାଇଁ ପ୍ରେରଣାଦାୟକ ହୋଇପାରିବ।




### ରଖ ଜଗତର ସାଇଁ

**ନିରଞ୍ଜନ ସାହୁ**



ଅନେକ ଆଶା ମୁଁ କରିଛି ଠାକୁରେ
ନିରାଶ କରିବ ନାହିଁ
ତୁମେ ପର କଲେ କିଏ ସେ ରଖିବ
ବିକଳ୍ପ ତୁମର କାହିଁ ?

ପୁରାଣେ ପଢ଼ିଛି ତୁମରି ମହିମା
କାନରେ ଶୁଣିଛି ପୁଣି
ହୃଦୟ ମଧରେ ତୁମ ଯଶଗାଥା
ହୋଇଅଛି ମୁହିଁ ଗୁଣି
ତୁମ କରୁଣାକୁ ଅପେକ୍ଷା କରିଛି
ବିକଳେ ଶ୍ରୀମୁଖ ଚାହିଁ ।

ନିରାଶ୍ରୟ ପାଇଁ ଆଶ୍ରୟଦାତା ହେ
ତୁମେ ଅଗତିର ଗତି
ଅରକ୍ଷ ପାଇଁ ହେ ତୁମେ ରକ୍ଷାକର୍ତ୍ତା
ଭାବକୁ ତୁମେ ତ କତି
ମୋ ପରି ଅଭାଗା ହାତ ପତାଇଛି
ତୁମ କୃପା ଟିକେ ପାଇଁ ।

କାହାକୁ କହିବି କିଏ ସେ ବୁଝିବ
ମୋହରି ଅନ୍ତର ଭାଷା
କାହାକୁ ମୋହରି ନାହିଁ ତ ଭରସା
କାହାଠାରେ ନାହିଁ ଆଶା
ତୁମେ ତ ଆରମ୍ଭ ତୁମେ ହିଁ ତ ଶେଷ
ରଖ ହେ ଜଗତ ସାଇଁ ।


+ ନିହଲପ୍ରସାଦ , ଗଁଦିଆ ପାଟଣା
ଢ଼େଙ୍କାନାଳ--୭୫୯୦୧୬
(ମୋ) ୯୯୩୮୭୪୧୫୮୩


### ବର୍ଷାର ଅନୁଭବ

**ପଦ୍ମାଳୟା ସାମଲ**



ଚାରିଆଡେ ବର୍ଷା ଧୁମ ଛେଚୁଚି
ଧୁମ ଛେଚୁଚି !

ଛାତରୁ ପାଣି ଗଳୁଛି ତ ?
ବାଲତି ଡ଼େକଚି କଂସା ବାସନ ସବୁ
ବସେଇ ଦିଅ ଠାଏ ଠାଏ
ଯୋଉଠି ଯାହା ଅଛି ।
ଏବେ ସଞ୍ଜବେଳଟାରେ
ବେଶି ବ୍ୟସ୍ତ ହୁଅନା
ଆଗାମୀ କାଲିର ପ୍ରତୀକ୍ଷାରେ ରୁହ।

ସହରର ଯାହା ଅବସ୍ଥା ଦେଖିଲଣି ?
ଲୋକ ବାଲତି ବାଲତି କରି
ପାଣି କାଢୁଛନ୍ତି
ଖଟ ତଳୁ, ରୋଷ ଘରୁ, ଦାଣ୍ଡ ଘରୁ
ଅସରାଏ ବର୍ଷା ହେଲେ
ଛାତରୁ, ରାସ୍ତାରୁ, ଡ୍ରେନରୁ
ଦୁଃଖ ସବୁ ଭୁସ ଭାସ
ପଶି ଆସୁଛି କେମିତି
ବେଳ ଅବେଳରେ ।

ଟିଭିରେ ଦେଖିଲଣି କେମିତି
ବୋହି ଯାଇଛି
ପୋଲଟିର ସଂଯୋଗକାରୀ ରାସ୍ତା
ଜଳାର୍ଣ୍ଣବ ଚାରିଆଡେ
ଦେଖୁଥିବ ଝୋପଡ଼ି ସବୁ
ଭାସି ଯାଉଥିବାର ଦୃଶ୍ୟ
ଦେଖୁଥିବ ଛୋଟ ଛୋଟ ସଂସାର ସବୁ
କେମିତି ଭାସି ଯାଉଛି ଆଖି ପିଛୁଳାକେ
ଶୂନ୍ୟରୁ ରିଲିଫ ପକେଇ
କଅଣଟା ପାଇବ ଯେ ?
ସେଇ ଉଜୁଡା ସଂସାରମାନଙ୍କୁ
କଣ ଫେରେଇ ପାରିବ ?

ଏ କେମିତିକା ବର୍ଷା କାଳ !
ଚାରିଆଡେ ଲୁଗାପଟା ଦରଶୁଖା
ସୋଫାଠୁ ଆରମ୍ଭ କରି ବେଡରୁମ
ବିଛଣା ପର୍ଯ୍ୟନ୍ତ
ଛିନଛତ୍ର ସବୁ କିଛି ସ୍ଥିତି ଅସମ୍ଭାଳ
ଟିକେ ନାକୁରୁ ଜାଗା ନାଇଁ
ଏତେ ବଡ ଘର
ମୋ ଅଧା ଗଢା ଅସହାୟ କବିତା
ପଡିଛି ସେଠି / ଏଠି ସେଠି କପ ପ୍ଲେଟ
ଖାତା ବହି ସଉଦା ପତର
ଏଇଟା ମୋ ଘର
ଏଟା ମୋର ସୁରକ୍ଷିତ ଘର
ଏଟା ମୋର ପ୍ରତୀକ୍ଷିତ ପ୍ରିୟବର୍ଷାକାଳ ।


+ ଭୁବନେଶ୍ୱର
(ମୋ) ୭୦୦୮୩୪୮୧୭୨


### ଗୋଲାପ...

**ପବିତ୍ର ମୋହନ ବାରିକ**



ସୁରଭି ବିହୀନ ସୁନ୍ଦରି ଗୋଲାପ
ଦେହସାରା ତୋର କଣ୍ଟା
ଛୁଇଁବାକୁ ଯାଇ ପାଇଲି ଆଘାତ
ସଳଖି ପାରୁନି ଅଣ୍ଟା ।
କାହା ପାଇଁଆଣୁ ଅଦିନେ ବସନ୍ତ
କାହାକୁ ଦେଉ ତୁ ଧୋକା
କାହା ଲାଗି ଭାଷା କାହାଲାଗି ଆଶା
କାହା ପାଇଁ ମରିଚିକା ।
ଦେଖି ତୋର ଛବି କିଏ ହେଲା କବି
ତୋ ପ୍ରେମେ ହେଲା କେ ପାଗଳି
କେତେ କଳା କାଉ କେତେ ଚିତ୍ର କର
ତୋ ପାଇଁ ହେଲେ ସଫଳ ।


+ ପାଇକରାପୁର, ଭୁବନେଶ୍ୱର
ମୋ: ୮୮୯୫୧୯୦୪୭୫


### ପ୍ରୀତି ରଙ୍ଗ

**ସୁଦର୍ଶନ ମହାପାତ୍ର**



ଏମିତି ରଙ୍ଗ କିଏସେ ମୋତେ
ସରାଗେ ଦିଏ ବୋଳି
ସେ ରଙ୍ଗ ମାଖି ଦେହ ମନରେ
ଉଠଇ ମୁହିଁ ଝଳି ।।

ଆହା ସେ ରଙ୍ଗ ଲେଖି ବସଇ
ଗୀତି କବିତା କେତେ
ଲାଗଇ ମିଠା ସପନେ ଯେବେ
ସେ ରଙ୍ଗ ଲାଗେ ମୋତେ ।।

ହୃଦୟକୁ ମୋ ଉଚ୍ଚାଟ କରେ
ଅଧିରେ ଆସି ଚୁମେ
ଇନ୍ଦ୍ରଧନୁ ବି ଫିକା ତା ପାଶେ
ସେଇ ରଙ୍ଗେ ମୁଁ ଝୁମେ ।।

ପ୍ରତିଟି ଦିନ ହୋଇ ଫଗୁଣ
ମନ ମୋ ଚୋରି କରେ
ସେଇ ରଙ୍ଗ ଯେ ଅତି ଗୋପନେ
ପ୍ରାଣେ ପୁଲକ ଭରେ ।।

ନିଜର କରି ଉଲ୍ଲାସ ଭରେ



ସାଇତି ହୃଦୟରେ
ସେ ରଙ୍ଗ ପରା ମଉଳେ ନାହିଁ
ସମୟ ଗତି ଧାରେ ।।

ସତେ ସେ ରଙ୍ଗ ଲାଗିଲେ ଥରେ
ସରଗ ସୁଖ ଦିଏ
ସେଇ ରଙ୍ଗ ଯେ ପ୍ରୀତିର ରଙ୍ଗ
ସବୁରି ମନ ଛୁଏଁ ।।


+ କୁଞ୍ଜବିହାରୀ ଲେନ,କଟକ

# ପେଗାସସ୍ ଝଡ



ଡାଃ ସୁରେନ୍ଦ୍ର ନାଥ ଦାଶ
ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର,
ମୋ : ୯୪୩୭୨୩୫୩୮୬

Pegasus is a spy-ware or mal ware developed by NSO cyber arm farm of Israel capable of snooping theis data base,text messages ,pass words and tracking location-

ଆମ ପୁରାଣରେ ପକ୍ଷୀରାଜ ଘୋଡାର ବର୍ଣ୍ଣନା ପରି ଗ୍ରୀକ ଓ ରୋମାନ ପୁରାଣ ରେ ପେଗାସସ ନାମକ ଏକ ଆକାଶ ରେ ଉଡି ପାରୁଥିବା ଅଶ୍ୱର ନଜିର ଅଛି । ମାତ୍ର ଯେଉଁ ପେଗାସସକୁ ନେଇ ଭାରତ ପାର୍ଲିଆମେଣ୍ଟରେ ଝଡ ଉଠୁଛି ତାହା ହେଉଛି ଏକ ବିଶେଷ ସଫ୍ଟ ଓୟାର ପ୍ରୋସେସ, ଯାହା ୨୦୧୩ ମସିହାରେ ଇସ୍ରାଏଲର ଏନ.ଏସ.ଓ. ନାମକ କମ୍ପାନୀ ଦ୍ୱାରା ଉଦ୍ଭାବିତ ହୋଇଛି । ପେଗାସିସ ନିଜର କ୍ଷମତା ବଳରେ ଉପଭୋକ୍ତାର ଅଜାଣତରେ ସେ ବ୍ୟବହାର କରୁଥିବା iSO(up to 14.6), ଆଣ୍ଡ୍ରଏଡ, ଆପଲ, ଫେସବୁକ, ହ୍ୱାଟସ ଅପ ଭଳି ପ୍ରୋସେସ ସହ ସଂଯୁକ୍ତ ହୋଇ ବ୍ୟକ୍ତିର ସମସ୍ତ ଡାଟା ଚୋରି କରିବାରେ ସକ୍ଷମ ହୋଇଥାଏ ଓ ବ୍ୟକ୍ତିର କଥାବାର୍ତ୍ତା ସହଜରେ ଟେପ କରିଥାଏ । It can work on zero cliking means without inter action of individual.ଫଳରେ ଦେଶ ଜାତୀୟ ବିରୋଧି ଓ ଆତଙ୍କ ବାଦୀଙ୍କ କାର୍ଯ୍ୟକଳାପ ଆଗୁଆ ସୂଚନା ପାଇ ବିହିତ ପଦକ୍ଷେପ ନେବାରେ ସରକାର ସକ୍ଷମ ହୋଇଥାଏ । ଇସ୍ରାଏଲ ନିଜର ସୁରକ୍ଷା ପାଇଁ ଏହାର ସଫଳ ବିନିଯୋଗ କରିବାରେ ସକ୍ଷମ ହୋଇଛି । ଏ ପର୍ଯ୍ୟନ୍ତ ତୈଳ ସମୃଦ୍ଧ ଆରବ ରାଷ୍ଟ୍ର ,ପାନାମା ଭଳି ରାଷ୍ଟ୍ର ମାନେ କୋଟି କୋଟି ଟଙ୍କା ଦେଇ ଏ ସବୁ ବ୍ୟବହାର କରିଆସୁଛନ୍ତି । ସାଉଦି ଆରବରେ ସାମ୍ବାଦିକ ଖାସଯୋଗୀଙ୍କ ହତ୍ୟା ଏହି ପେଗାସସ ଦ୍ୱାରା ତାଙ୍କ ସାଉଦୀ ରାଜପରିବାର ବିରୁଦ୍ଧରେ କାର୍ଯ୍ୟ ଜଣାପଡିଲା ପରେ ହୋଇଥିଲା । ୨୦୧୬ ମସିହାରେ ଜଣେ ଆରବ ମାନବ ଅଧିକାର କର୍ମୀ ଅହମଦ ମନସୁର ନିଜେ ପେଗାସିସ ସ୍ପାଇ ଓୟାରର ଶୀକାର ହେଲା ପରେ ଏହା ଲୋକ ଲୋଚନକୁ ଆସିଲା । କମ୍ପାନୀ କର୍ତ୍ତୁପକ୍ଷ ଦାବି କରନ୍ତି ଯେ ଏହା କେବଳ ଜାତୀୟ ବିରୋଧି ଓ ନିଶା ବେପାରୀଙ୍କ ବିରୁଦ୍ଧରେ ବ୍ୟବହୃତ ହୁଏ । ଏ ପର୍ଯ୍ୟନ୍ତ ବିଶ୍ୱର ୫୦ ହଜାର ଫୋନ ଏହାର ଲକ୍ଷ୍ୟରେ ଅଛନ୍ତି ବୋଲି ଆନ୍ତର୍ଜାତିକ ମାନବାଧିକାର ସଂଗଠନ ନିଜେ ଆରମ୍ଭ କରିଥିବା ତଦନ୍ତ ପ୍ରୋଜେକ୍ଟ ପେଗାସିସ ରୁ ଜାଣି ପାରିଛନ୍ତି । ମୁଖ୍ୟତଃ ମାନବାଧିକାର କର୍ମୀ,ରାଜନୈତିକ ନେତା, ବିଚାରପତି, ଉଚ୍ଚ ସରକାରି କର୍ମଚାରୀ ମାନେ ଏହାର ଶୀକାର ହେଉଛନ୍ତି । ଭାରତରେ ମଧ୍ୟ ଏହାକୁ ନେଇ ବିବାଦ ଆରମ୍ଭ ହୋଇଛି । କେତେକ ସୁପ୍ରୀମ କୋର୍ଟର ମହିଳା କର୍ମଚାରୀ ଯେଉଁମାନେ ପୂର୍ବତନ ପ୍ରଧାନ ବିଚାରପତି ରଂଜନ ଗୋଗାଇଙ୍କ ବିରୁଦ୍ଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ ସେମାନ ତାଙ୍କର ଫୋନ ପେଗାସସର ଶୀକାର ହେବାର ଜଣା ପଡିଥିଲା । କର୍ଣ୍ଣାଟକ ସରକାର ଏହାର ଦୁରୁପୋଯୋଗ କରି ବିରୋଧି ମାନଙ୍କ ଖବର ଜାଣୁଛନ୍ତି । ମୋଦୀ ସରକାର ମଧ୍ୟ ପ୍ରିୟଙ୍କା ଗାନ୍ଧି, ରାହୁଲ ଗାନ୍ଧି ,ପାକିସ୍ଥାନ ପ୍ରଧାନ ମନ୍ତ୍ରୀ ଇମ୍ରାମ ଖାଁ ଙ୍କ ଫୋନ ଟ୍ୟାପ କରୁଛନ୍ତି ବୋଲି ପାର୍ଲିଆମେଣ୍ଟରେ ଅଭିଯୋଗ ଆସିଛି । ଏଥିପାଇଁ ବିରେଧି ସଭ୍ୟ ମାନେ ସଂପୃକ୍ତ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ହାତରୁ ରିପୋର୍ଟ ଟାଣି ନେଇ ଚିରିବା ସହ ସଂପୂର୍ଣ୍ଣ ତଥ୍ୟ ଦାବି କରିଛନ୍ତି ।

୨୦୧୯ ମସିହାରେ ହ୍ୱାଟସ ଅପର ଶାଖା ଫେସ ବୁକ ନିଜର ଡାଟା ଚୋରି କରିବା ନେଇ କାଲିଫର୍ଣ୍ଣିଆ ଫେଡରାଲ କୋର୍ଟ ରେ ଏନ ଏସ ଓ କମ୍ପାନି ବିରୁଦ୍ଧରେ ଅଭିଯୋଗ ଆଣିଛି । ଆଗକୁ ଏହି ଅତ୍ୟାଧୁନିକ ଜଟିଳ ପ୍ରକ୍ରିୟା କି ମୋଡ ନେବ ତାହା ଜାଣିବା ପାଇଁ ବିଶ୍ୱ ଅପେକ୍ଷା କରିଛି ।

# ଘରେ ପ୍ରସ୍ତୁତ କରନ୍ତୁ ସ୍ୱାଦିଷ୍ଟ କଢ଼ି ପକୋଡ଼ା



**ଆବଶ୍ୟକ ସାମଗ୍ରୀ:** ବେସନ,ଦହି, ଲୁଣ, ଶୁଖିଲା ଲଙ୍କା, ଲଙ୍କା ପାଉଡର, ହଳଦି, ଭୁର୍ସଙ୍ଗ ପତ୍ର, ଅଦାରସୁଣ ପେଷ୍ଟ, ପିଆଜ, ହେଙ୍ଗୁ, ରିଫାଇନ୍ ତେଲ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଦହିରେ କିଛି ପାଣି ମିଶାଇ ଭଲ ଭାବେ ଫେଣ୍ଟି ଦିଅନ୍ତୁ। ଏବେ ସେଥିରେ ଲୁଣ, ହଳଦି ପାଉଡ଼ର, ଅଳ୍ପ ବେସନ, ଲଙ୍କା ଗୁଣ୍ଡ, ଅଦାରସୁଣ ପେଷ୍ଟ ପକାଇ ଭଲ ଭାବେ ଗୋଳାନ୍ତୁ। ଯେପରି ପତଳା ଘୋଳ ପ୍ରସ୍ତୁତ ହେବ।

ଏହାପରେ ଗ୍ୟାସ୍ ଅନ୍ କରି ଆଞ୍ଚ ସିମ୍ ରଖନ୍ତୁ ପ୍ୟାନ୍ ବସାନ୍ତୁ। ଏବେ ସେଥିରେ ଦହି ଘୋଳ ପକାଇ ଭଲ ଭାବେ ଗୋଳାନ୍ତୁ। । ଏହାକୁ ପାଖାପାଖି ୪୦ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ, ଯେପରି ତାହା ତଳେ ଲାଗି ନ ଯିବା।

ଏହାପରେ ଗୋଟିଏ ପାତ୍ରରେ ପିଆଜ, ବେସନ, ଲୁଣ, ଲଙ୍କା ମିଶାଇ କିଛି ପାଣି ଦେଇ ଏକ ଘୋଳ ପ୍ରସ୍ତୁତ କରନ୍ତୁ। କରେଇରେ ତେଲ ବସାଇ ଏହାକୁ ଛୋଟ ଛୋଟ ଛାଣି ପକୁଡ଼ି ପ୍ରସ୍ତୁତ କରି ନିଅନ୍ତୁ। ଦହି ଘୋଳ ଫୁଟି ଫୁଟି ଅଧା ହୋଇଗଲେ ସେଥିରେ ପକୁଡ଼ି ପକାଇ ଦିଅନ୍ତୁ।

ଏବେ ଗ୍ୟାସ୍‌ରେ ଏକ ପ୍ୟାନ୍ ବସାଇ ସେଥିରେ କିଛି ରିଫାଇନ୍ ତେଲ ପକାନ୍ତୁ। ତେଲ ଗରମ ହେଲେ ସେଥିରେ ଫୁଟଣ, ରସୁଣ, ପିଆଜ, ଶୁଖିଲା ଲଙ୍କା, ଭୁର୍ସଙ୍ଗ ପତ୍ର , ହେଙ୍ଗୁ, କିଛି ଲାଲ ଲଙ୍କା ପାଉଡର ପକାନ୍ତୁ । ଏବେ ଏହାକୁ ଦହି ମିଶ୍ରଣରେ ଢାଳି ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ ଦହି କଢ଼ି। ଏହାକୁ ଗରମଗରମ ଭାତ ସହ ପରଷନ୍ତୁ।

# ମେକ୍ ଅପ୍ ଟିପ୍ସ

ଅନେକ ଚଷମାକୁ ମହିଳାଙ୍କ ସୌନ୍ଦର୍ଯ୍ୟ କ୍ଷେତ୍ରରେ ପ୍ରତିବନ୍ଧକ ମନେକରନ୍ତି । ତେବେ, ଏହି ଧାରଣା ଭ୍ରମାତ୍ମକ । ଚଷମା ପିନ୍ଧୁଥିଲେ ବି ମେକ ଅପ୍ ନେବାରେ କୌଣସି ସମସ୍ୟା ନାହିଁ ।

ଆଖିରେ ଦୁଇ ପରସ୍ତ ମସକରା ସହ ଆଇଲେସ୍ ବ୍ୟବହାର କରନ୍ତୁ ।

ନିୟମିତ ବ୍ୟବଧାନରେ ଭ୍ରୁଲତାର ଥ୍ରେଡିଂ କରାନ୍ତୁ । ମୋଟା ଫ୍ରେମବାଲା ବଡ଼ ଚଷମା ପିନ୍ଧୁଥିଲେ, ଭ୍ରୁଲତା ପତଳା କରନ୍ତୁ ଏବଂ ବିପରୀତ ପିନ୍ଧୁଥିବା ମହିଳାଙ୍କ ଆଖି ତଳେ, କଡ଼ରେ କଳା ଦାଗ ଦିଶିବା ସାଧାରଣ । ଏହା ଦ୍ୱାରା ବିଚଳିତ ନ ହୋଇ କନସିଲର ବ୍ୟବହାର କରନ୍ତୁ । କଳା ପେନସିଲ ଲାଇନର ପାଖରେ ରଖନ୍ତୁ ।

ଚଷମାବାଲୀମାନେ ଲିପଷ୍ଟିକ୍, ଲିପଗ୍ଲସ ଓ ବ୍ଲସର ବ୍ୟବହାର କରିବାକୁ ଭୟ କରନ୍ତୁନାହିଁ ।



# ଘରେ ପ୍ରସ୍ତୁତ କରନ୍ତୁ ଶ୍ୟାମ୍ପୁ



ପ୍ରକୃତିର କୌଣସି କୁପ୍ରଭାବ ମନୁଷ୍ୟ ସମାଜ ଉପରେ ପଡ଼ିନଥାଏ । ଅନେକବର୍ଷ ପୂର୍ବେ ଯନ୍ତ୍ରୀପାତି ଓ ଜ୍ଞାନକୌଶଳର ବ୍ୟବହାର କମ ହେଉଥିବାରୁ ସେତେବେଳେ ଉତ୍ତମ ପରିବେଶ ଥିଲା । ଏବେ କିନ୍ତୁ ଦିନକୁଦିନ ପୃଥିବୀପୃଷ୍ଠ ଉତ୍ତପ୍ତ ପିଣ୍ଡରେ ପରିଣତ ହେଉଛି । ଏସବୁକୁ ନଜରରେ ରଖି ପ୍ରାକୃତିକ ଉପାୟରେ ସୌନ୍ଦର୍ଯ୍ୟ ଚର୍ଚ୍ଚା କରିବା ଉଚିତ । କେଶ ସଫା ପାଇଁ ସବୁଠୁ ଜରୁରୀ ଶ୍ୟାମ୍ପୁକୁ ଘରେ ମଧ ତିଆରି କରିହେବ । ପ୍ରଥମେ ସମାନ ପରିମାଣର ଶୁଖିଲା ଅଁଳା, ରୀଠା ଓ ଶିକାକାଇ ବଜାରରୁ କିଣିଆଣନ୍ତୁ । ଏହାକୁ ଭଲ ଭାବରେ ଗୁଣ୍ଡ କରି ଏକ ଡବାରେ ଭର୍ତ୍ତି କରି ଫ୍ରିଜରେ ରଖିବା ଉଚିତ ।

- କେଶ ସଫା କରିବା ପୂର୍ବଦିନ ରାତିରେ ଏହି ଗୁଣ୍ଡର ୨ ଚାମଚ ୩କପ୍ ପାଣିରେ ଭିଜାଇ ରଖନ୍ତୁ ।
- ସକାଳେ ସେହି ପାଣିକୁ ଭଲ ଭାବରେ ୧୫ ମିନିଟ୍ ଗରମ କରି ଫୁଟାନ୍ତୁ । ପରେ ଥଣ୍ଡା ହେବା ପାଇଁ ରଖନ୍ତୁ ।
- ସେହି ପାଣି ଥଣ୍ଡା ହେଲା ପରେ ତାହାକୁ ଶ୍ୟାମ୍ପୁ ଭାବରେ ବ୍ୟବହାର କରନ୍ତୁ । କେଶ ଝଡ଼ିବା କମ ହେବା ସହ ଘନତ୍ୱ ବଢ଼ିଥାଏ ।
- ପ୍ରଥମ ବ୍ୟବହାରରେ ଜାଣିହେବ ଯେ ଏହି ଘରୋଇ ଶ୍ୟାମ୍ପୁ ବ୍ୟବହାର କଲେ କେଶ ଯଥେଷ୍ଟ କମ ଝଡ଼ିଥାଏ ।



# ପନିପରିବା ଚାଷ ଓ ଉପକାରିତା

ଆମ ଦୈନନ୍ଦିନ ଖାଦ୍ୟ ପଦାର୍ଥରେ ପନିପରିବାର ଆବଶ୍ୟକତା ସମସ୍ତେ ୁପଲବ୍ଧି କରିଥାନ୍ତି । ମନୁଷ୍ୟର ସୁମେ ଓ ସନ୍ତୁଳିତ ଖାଦ୍ୟରେ ଜଳକୁ ଛାଡ଼ି ୫ଟି ମୁଖ୍ୟ ୁପାଦନ ରହିବା ସଦରକାର, ଯଥା ଶ୍ୱୋତସାର, ସ୍ନେହସାର, ପୁଟେିସାର, ଧାତୁସାରୁ ଓ ଜୀବସାର । ଶସ୍ୟଜାତୀୟ ଫସଲରୁ ମୁଖ୍ୟତଃ ଶ୍ୱେତସାର ତୈଳବୀଜାତୀୟ ଫସଲରୁ ସ୍ନେହସାର ଓ ଡଲିଜାତୀୟ ଫସଲରୁ ପୁଷ୍ଟିସାର ମିଳିଥାଏ । ଖାଦ୍ୟ ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ସୁଷମ ଖାଦ୍ୟରେ ଶସ୍ୟ, ତୈଳ ଓ ପୋଷକ ପଦାର୍ଥର ଅଭାବରୁ ହୋଇଥାଏ । ଏହି ପୋଷକତ୍ତ୍ୱର ଅଭାବ କେତେକ ପନିପରିବା ଖାଇବା ଦ୍ୱାରା ଦୂର କରାଯାଇପାରିବ । ସାଧାରରତଃ ଆମେ ଆଳୁ, କଲରା, ବନ୍ଧାକୋବି, ଫୁଲକୋବି, ଜହ୍ନି, ଭେଣ୍ଡି, ପୋଟଳ, କୁନ୍ଦୁରି ବୋଇତିକଖାରୁ, ଅମୃତଭଣ୍ଡା , ବିତନ୍ନ, ଶିମ୍ବ, ବିଭିନ୍ନ ପ୍ରକାରର ଶଗ ଆଦି ପନିପରିବାକୁ ରାନ୍ଧି ତରକାରି ରୂପେ ଏବଂ ବିଲାତି, ଗାଜର, ପିଆଜ, ଧନିଆଁପତ୍ର କଞ୍ଚାଲଙ୍କା, ମୂଳା, ବିଟ୍ କାକୁଡ଼ି ଆଦି ପରିବାକୁ କଞ୍ଚା ସାଲାଡ ରୂପେ ଖାଇଥାଉ । ପତ୍ରଜାତୀୟ





ଡାଲିର ୬୦-୭୦ ଭାଗ ଓ ପନିପରିବାରୀ ୩୦-୪୦ ଭାଗ ରହିବା ଦରକାର । ଖାଦନ୍ୟରେ ଏହି ପ୍ରକାର ଭାଗମାପ ରହିଲେ ମନୁଷ୍ୟ ସୁସ୍ଥ, ସବଳ ଓ ଦୀର୍ଘଦିନ ପାଇଁ କାର୍ଯ୍ୟକ୍ଷମ ରହେ । ପନିପରିବାରେ ଆନେକ ଖଣିଜ ଲବଣ ଓ ଜୀବସାର ରହିଥାଏ ଯାହାକୁ ଖାଇବା ଦ୍ୱାରା ଶରୀର ସତେଜ ଅନୁଭବ କରିବା ସହ ନାରୋଗ ରହିପାରିବ । ଏଭଳି କିଛି ରୋଗ ରହିଛି, ଯାହା କେବଳ ଜୀବସାର ତଥା





ପନିପରିବାରୁ ବିଶେଷ କରି ଭିଟାମିନ ଏ ଅଧିକ ମିଳିଥାଏ । ଏହି ଜାତୀୟ ପରିବାରରେ ଲୌହାଂଶ ଅଧିକ ଥିବାରୁ ଏଶହାକୁ ଖାଇବାରେ ମହିଳା ଓ ଦୁର୍ବଳ ସ୍ୱାସ୍ଥ୍ୟ ଥିବା ବ୍ୟକ୍ତିମାନେ ବିଶେଷ ଉପକାର ପାଇଥାନ୍ତି । ଏହା କର୍କଟ ଓ ମଧୁମେହ ରୋଗର ଆଶଙ୍କା ହ୍ରାସ କରିଥାଏ । ଏହି ପ୍ରକାର ପନିପରିବା ଶସ୍ତା, ସହଜରେ ଉତ୍ପାଦନ ରୋଷେଇ ତଥା ହଜମ ହୋଇଥାଏଜ ରକ୍ତ ପ୍ରବାହକୁ ଠୀକ ରଖିଥାଏ ଓ ହୃଦସ୍ପନ୍ଦନକୁ ଠିକ ରଖି ମଜଭୁତ କରିଥାଏ । ଲାଉ କୋଲେଷ୍ଟ୍ରଲର ମାତ୍ରାକୁ କମାଇ ଦେଇଥାଏ ।

ଏବେ ତ ବୈଜ୍ଞାନିକ ଚିକିତ୍ସକ ଓ ଗବେଷକମାନେ ଶାକାହାରର ଗୁଣଗାନ କରୁଛନ୍ତି ଓ ପନିପରିବା ଖାଇ ହୃଦଘାତରୁ ନିଜକୁ ମୁକ୍ତ ରଖିବାକୁ ପରାମର୍ଶ ଦେଉଛନ୍ତି । ତଥ୍ୟ ଅନୁଯାୟୀ ପିଆଜ, ରସୁଣ, ବିଲାତି ବାଇଗଣ ଲାଉ, ଗାଜର ଆଦି ଖାଇବା ଦ୍ୱାରା ହୃଦଯନ୍ତ୍ର ଠିକ ଭାବେ କାର୍ଯ୍ୟ କରିଥାଏ । ସାଲାଡର ପିଆଜ ରସୁଣ ଖାଲି ପେଟରେ ଖାଇବା ବେଶ ଲାଭଦାୟକ ହୋଇଥାଏ ।



# ଲୋପ ହେଉଛି ଜନଜାତି

ଅନେକ ପ୍ରଜାତିର ଜୀବସତ୍ତା ଓ ବିଭିନ୍ନ ପ୍ରକାରର ବୃକ୍ଷ ପୃଥିବୀପୃଷ୍ଠରୁ ଏହା ମଧ୍ୟରେ ଲୋପପାଇସାରିଲାଣି । ଏବେ ସେହି କ୍ରମରେ ମନୁଷ୍ୟଜାତି ମଧ ସାମିଲ ହେଲାଣି । ଯେପରି ପୁରୁଣାସମୟର ଅକ୍ଷର ମଧ ନିଶ୍ଚିହ୍ନ ହୋଇଥିବାର ଇତିହାସର ପୃଷ୍ଠାରୁ ଜଣାପଡ଼େ । ବିଶ୍ୱର ବିଭିନ୍ନ ପ୍ରାନ୍ତରେ ବସବାସ କରୁଥିବା କେତେକ ଆଦିବାସୀ ଜନଜାତିଙ୍କ ସଂଖ୍ୟା ଦିନକୁଦିନ ହ୍ରାସ ପାଇବାରେ ଲାଗିଛି । ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଂନର ସର୍ବେକ୍ଷଣ ଅନୁସାରେ, କେବଳ ଆଫ୍ରିକାର ହିଁ ଆଦିବାସୀ ଲୋକଙ୍କ ସଂଖ୍ୟା ବୃଦ୍ଧି ପାଉଛି । ନେପାଳ ଓ ଅଷ୍ଟ୍ରେଲିଆର ଆଦିବାସୀଙ୍କ ସଂଖ୍ୟା କମିବାରେ ଲକ୍ଷ୍ୟ କରାଯାଉଛି । ନେପାଳରେ ରହୁଥିବା ଖାନବଦୋଶ ଜନଜାତିଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି । ଏମାନଙ୍କ ସଂଖ୍ୟା ମାତ୍ର ୧୫୦ ଏବେ । ଆଗାମୀ କିଛି ବର୍ଷ ମଧରେ ଖାନବଦୋଶ ଜନଜାତି ସମ୍ପୂର୍ଣ୍ଣ ଭାବରେ ନିଶ୍ଚିହ୍ନ ହୋଇଯିବ ବୋଲି ଏବେଠାରୁ ପ୍ରମାଦ ଗଣାଯାଉଛି । ବାହାର ଦୁନିଆଠାରୁ ଏଠା ଲୋକେ ସମ୍ପୂର୍ଣ୍ଣ ଅଲଗା ରହିବା ସହ ମିଳାମିଶା କରିବାକୁ ଏମାନେ ପସନ୍ଦ କରିନଥାନ୍ତି । ଅସ୍ଥାୟୀ କ୍ୟାମ୍ପରେ ରହିବା ଏମାନଙ୍କର ସ୍ୱଭାବ । ଏହି ଜନଜାତିର ଲୋକେ ମାଙ୍କଡ଼ ଶିକାର କରିବାରେ ଧୁରନ୍ଧର । ଏ ବାବଦରେ ଆମେ ସଚେତନ ନ ହେଲେ ଖୁବ କମ ସମୟରେ ଏଇ ଜନଜାତି ନିଶ୍ଚିହ୍ନ ହୋଇଯିବ ।



# ଅଗଷ୍ଟ ୯ କ୍ରାନ୍ତି ଦିବସରେ ବିଧାନସଭା ଘେରିବ ଅଣସଂଗଠିତ ଶ୍ରମିକ କଂଗ୍ରେସ

ଭୁବନେଶ୍ୱର,୩/୮ (ନି.ପ୍ର): ଅଖିଳ ଭାରତୀୟ ଅଣ ସଂଗଠିତ ଶ୍ରମିକ କଂଗ୍ରେସର ଆହ୍ୱାନକ୍ରମେ ସୋମବାର ରାଜ୍ୟ କାର୍ଯ୍ୟକାରୀ କମିଟି ବୈଠକ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ଠାରେ ରାଜ୍ୟ ଅଧ୍ୟକ୍ଷ ବିଦ୍ୟାଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଅଗଷ୍ଟ ୯ କ୍ରାନ୍ତି ଦିବସରେ ସର୍ବ ଭାରତୀୟ କାର୍ଯ୍ୟକ୍ରମ ଅନୁଯାୟୀ ପାର୍ଲାମେଂଟ ଘେରାଉ ଓ ବିଭିନ୍ନ ରାଜ୍ୟ ବିଧାନସଭା ସମ୍ମୁଖରେ ଅଣସଂଗଠିତ ଶ୍ରମିକ ମାନଙ୍କର ବିଭିନ୍ନ ଦାବି କରୋନା ମହାମାରୀ ସମୟରେ ଆର୍ଥିକ ସଂକଟର ସମ୍ମୁଖିନ ହୋଇଥିବା ସମସ୍ତ, ଉଠାଦୋକାନୀ, କ୍ଷୁଦ୍ର ବ୍ୟବସାୟୀ, ପ୍ରବାସୀ ଶ୍ରମିକ, ନିର୍ମାଣ ଶ୍ରମିକ, ମନରେଗା ଶ୍ରମିକ, ଅଣ ସଂଗଠିତ ଶ୍ରମିକ, କୃଷି ଶ୍ରମିକ, ଚାଷୀ, ଘରୋଇ ଶ୍ରମିକ ତଥା ସମସ୍ତ ଟ୍ରଲି, ରିକ୍ସା ଓ ଅଟୋ ଚାଳକ ମାନଙ୍କ ବିଭିନ୍ନ ସମସ୍ୟା ଓ ଦାବିକୁ ନେଇ ଆସନ୍ତା ଅଗଷ୍ଟ ୯ କ୍ରାନ୍ତି ଦିବସରେ ବିଧାନସଭା ଘେରାଉ କରାଯିବ। କରୋନା କଟକଣା ନିୟମକୁ ଦୃଷ୍ଟିରେ ରଖି ସମସ୍ତ ଜିଲ୍ଲା କମିଟି ମାନେ ଅଂଶଗ୍ରହଣ କରିବାକୁ ନିଷ୍ପତି ନିଆଯିବ।

ଏହି ଅଣସଂଗଠିତ ଶ୍ରମିକ କଂଗ୍ରେସ ରାଜ୍ୟ କାର୍ଯ୍ୟକାରୀ କମିଟି ବୈଠକରେ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ, ରାଜ୍ୟ ପଂଚାୟତରାଜ ବିଭାଗର ଅଧ୍ୟକ୍ଷ ଯଜ୍ଞେଶ୍ୱର ବାବୁ, ରାଜ୍ୟ ସଂଯୋଜକ ବିଜୟ କୁମାର ବୋଇତାଇ, କୃଷ୍ଣଚନ୍ଦ୍ର ସାହୁ, ନିରୁପମା ଦାସ, ରାଜ୍ୟ ଉପାଧ୍ୟକ୍ଷା ଜ୍ୟୋସ୍ନା ସେନାପତି, ସାମାଜିକ ଗଣମାଧ୍ୟମର ସଂଯୋଜକ ବିଶ୍ୱଭୂଷଣ ମହାପାତ୍ର ଓ ବିଭିନ୍ନ ଜିଲ୍ଲାର ଅଧ୍ୟକ୍ଷ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିବା ସହିତ ରାଜ୍ୟ ସରକାର ସମସ୍ତ ସଂଗଠିତ ଶ୍ରମିକ ଓ ନିର୍ମାଣ ଶ୍ରମିକ ମାନଙ୍କୁ ତୁରନ୍ତ କୋଭିଡ ସହାୟତା ରାଶି ପ୍ରଦାନ କରିବାକୁ ଦାବି କରିଥିଲେ।

# ଉପେନ୍ଦ୍ର ତ୍ରିପାଠୀ ହେଲେ ଆଦର୍ଶ ବିଦ୍ୟାଳୟ ସଂଗଠନ ଉପଦେଷ୍ଟା

ଭୁବନେଶ୍ୱର,୩/୮ (ନି.ପ୍ର): ଆଇଏଏସ୍ ଅଧିକାରୀ ଉପେନ୍ଦ୍ର ତ୍ରିପାଠୀଙ୍କୁ ଆଦର୍ଶ ବିଦ୍ୟାଳୟ ସଂଗଠନର ଉପଦେଷ୍ଟା ଭାବେ ନିଯୁକ୍ତି ମିଳିଛି। ଏଥିସହ ପରିଚାଳନା କମିଟିର ଅଧ୍ୟକ୍ଷ ଭାବେ ତାଙ୍କୁ ନିଯୁକ୍ତ କରିଛନ୍ତି ମୁଖ୍ୟମନ୍ତ୍ରୀ। ଉପେନ୍ଦ୍ର ହେଉଛନ୍ତି କର୍ଣ୍ଣାଟକ କ୍ୟାଡରର ଅବସରପ୍ରାପ୍ତ ଆଇଏଏସ। ଏହି ଦାୟିତ୍ୱ ପରେ ତାଙ୍କୁ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ମିଳିବ। କର୍ଣ୍ଣାଟକ କ୍ୟାଡର ୧୯୮୦ ବ୍ୟାଚ୍ ର ଆଇଏଏସ୍ (ଅବସରପ୍ରାପ୍ତ) ଅଧିକାରୀ ଉପେନ୍ଦ୍ର ତ୍ରିପାଠୀ ୧୯୯୯-୨୦୦୧ ମଧ୍ୟରେ କର୍ଣ୍ଣାଟକ ରେ ଜନ ନିର୍ଦ୍ଦେଶନାମା କମିଶନର୍ ଭାବରେ ୩ଲକ୍ଷ ଶିକ୍ଷକ ଏବଂ ପ୍ରାୟ ଏକ କୋଟି ଛାତ୍ର ଥିଲେ, ସେ ଅନେକଗୁଡ଼ିଏ ଉଦ୍ଭାବନ ପ୍ରବର୍ତ୍ତନ କରିଥିଲେ, ଯାହା ମଧ୍ୟରୁ କେତେକ ଆଜି ମଧ୍ୟ ଶିକ୍ଷାର ଗୁଣବତ୍ତା ଠାରୁ ଆରମ୍ଭ କରି ଟେକ୍ନୋଲୋଜି ବ୍ୟବହାର ପର୍ଯ୍ୟନ୍ତ ଜାରି ରହିଛି। ଶ୍ରୀ ତ୍ରିପାଠୀ ହେଉଛନ୍ତି ଆନ୍ତର୍ଜାତୀୟ ସୋଲାର ଆଲାଇନ୍ସର ପ୍ରତିଷ୍ଠାତା ନିର୍ଦ୍ଦେଶକ। ବ୍ୟକ୍ତିଗତ ବର୍ଗରେ ସାଧାରଣ ପ୍ରଶାସନରେ ଉତ୍କର୍ଷତା ପାଇଁ ସେ ସମ୍ମାନଜନକ ପ୍ରଧାନମନ୍ତ୍ରୀ ପୁରସ୍କାର ପାଇଛନ୍ତି। ସେ ତାଙ୍କର କ୍ୟାରିଅର୍ ସମୟରେ ତାଙ୍କର ଅଭିନବତା ଏବଂ ଚିନ୍ତାଧାରା ପାଇଁ ବହୁ ପୁରସ୍କାର ମଧ୍ୟ ପାଇଛନ୍ତି।

ସେ ନୂତନ ଏବଂ ନବୀକରଣ ଯୋଗ୍ୟ ଶକ୍ତି ମନ୍ତ୍ରଣାଳୟର ସଚିବ ମଧ୍ୟ ଥିଲେ। ସେ ବ୍ରୁସେଲ୍ସରେ ଥିବା ଭାରତୀୟ ଦୂତାବାସରେ ପରାମର୍ଶଦାତା (କୃଷି ଏବଂ ସାମୁଦ୍ରିକ ଦ୍ରବ୍ୟ) ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ।ସେବା ବ୍ୟତୀତ ସେ ତାଙ୍କ ରାଜସ୍ୱ ପ୍ରଶାସନ, ଗ୍ରାମ୍ୟ ଉନ୍ନୟନ, ପେଟ୍ରୋଲିୟମ ସଂରକ୍ଷଣ, କୃଷି ଏବଂ ଉଦ୍ୟାନ କୃଷି, କୃଷି ମାର୍କେଟିଂ, ଶିକ୍ଷା, ପରିବେଶ ଏବଂ ପରିବହନ କ୍ଷେତ୍ରରେ ଅନେକ ପ୍ରଶଂସା ଆଣିଥିଲେ।

ଶ୍ରୀ ତ୍ରିପାଠୀ, ଓଡ଼ିଶାର ଗଞ୍ଜାମ ଜିଲ୍ଲା ରମ୍ଭା ନିକଟରେ ଥିବା କହାକାପୁରର ମୂଳ ବାସିନ୍ଦା। ସେ ରେଭେନ୍ସା କଲେଜରେ ପାଠ ପଢ଼ିବା ପରେ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ଏବଂ କାନାଡାର ଅଟାୱାଠାରେ ଥିବା କାରଲେଟନ୍ ବିଶ୍ୱବିଦ୍ୟାଳୟ ମଧ୍ୟ ଶିକ୍ଷା ଲାଭ କରିଛନ୍ତି।

# ସରକାରୀ ନିଯୁକ୍ତିର ବୟସସୀମା ବୃଦ୍ଧି ଦାବିରେ ଯୁବ କଂଗ୍ରେସର ରାଜ୍ୟବ୍ୟାପୀ ବିକ୍ଷୋଭ

ଭୁବନେଶ୍ୱର,୩/୮ (ନି.ପ୍ର): ସରକାରୀ ନିଯୁକ୍ତିରେ ସାଧାରଣ ବର୍ଗଙ୍କ ବୟସ ସୀମା ୩୨ ବର୍ଷରୁ ୪୨ ବର୍ଷ ବୃଦ୍ଧି କରିବା ଦାବିରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତି ରଞ୍ଜନ ଲେଙ୍କାଙ୍କ ଆହ୍ୱାନକ୍ରମେ ରାଜ୍ୟର ସମସ୍ତ ଜିଲ୍ଲାରେ ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଜିଲ୍ଲାର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ରାଜ୍ୟରେ ହୁ ହୁ ହୋଇ ବେକାରୀ ସମସ୍ୟା ବଢ଼ି ଚାଲିଛି, ବର୍ତ୍ତମାନ ବିଭିନ୍ନ ସାମାଜିକ, ଅର୍ଥନୈତିକ ଅବସାଦ କାରଣରୁ ଛାତ୍ରଛାତ୍ରୀ ମାନେ ଚାକରୀ ଉପଯୋଗୀ ପାଠ୍ୟକ୍ରମ ସାରିବାବେଳେକୁ ନିଯୁକ୍ତି ବୟସ ଅତିକ୍ରାନ୍ତ ହୋଇଯାଉଛି। ସରକାରୀ ଚାକିରୀରେ ନିଯୁକ୍ତି ବିଜ୍ଞାପନ ଅବଧି ମଧ୍ୟ ୫ ବର୍ଷରୁ ଅଧିକ ରହୁଥିବାରୁ ବହୁ ମେଧାବୀ ଛାତ୍ରଛାତ୍ରୀମାନେ ସୁଯୋଗ ପାଇପାରୁ ନାହାନ୍ତି। ବିଭିନ୍ନ ରାଜ୍ୟରେ ବସୟସୀମା ମଧ୍ୟ ବୃଦ୍ଧି ଘଟିଛି, ପ୍ରକାଶ ଯୋଗ୍ୟ ଆସାମରେ -୪୪, ଗୋଆ-୪୫, ତେଲେଙ୍ଗାନା- ୪୪, ଆନ୍ଧ୍ର- ୪୨, ଉତରପ୍ରଦେଶ, ରାଜସ୍ଥାନ, ପର୍ଶ୍ଚିମବଙ୍ଗ, ମଧ୍ୟପ୍ରଦେଶରେ ୪୦ବର୍ଷ ରହିଛି। ଓଡ଼ିଶାରେ ବୟସ ସୀମାର ଏମିତି ତାରତମ୍ୟ କାରଣରୁ ବହୁ ମେଧାବୀ ଛାତ୍ରଛାତ୍ରୀ ମାନେ ଉଚ୍ଚତର ଶିକ୍ଷା ହାସଲ ପରେ ମଧ୍ୟ ସରକାରୀ ଚାକିରୀର ଆବେଦନ ପାଇଁ ସୁଯୋଗ ପାଇ ପାରୁନାହାନ୍ତି। ତେଣୁ ଯଥାଶୀଘ୍ର ରାଜ୍ୟର ଛାତ୍ରଛାତ୍ରୀମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ବୟସସୀମା ୪୨ ବର୍ଷ ବୃଦ୍ଧି କରିବା ପାଇଁ ଯୁବ କଂଗ୍ରେସ ଦାବି କରିଛି। ଆଗାମୀ ଦିନରେ ଯଦି ବୟସସୀମା ବୃଦ୍ଧି ନଘଟେ ଯୁବ କଂଗ୍ରେସ ରାଜ୍ୟ ବ୍ୟାପି ଆନ୍ଦୋଳନ କରିବ ବୋଲି ଡ. ଲେଙ୍କା ଚେତାବନୀ ଦେଇଛନ୍ତି।

# ଖରିଫ୍ ଚାଷର ସାର ସମସ୍ୟାକୁ ନେଇ ପିସିସି କିଷାନ କଂଗ୍ରେସ ପକ୍ଷରୁ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ

ଭୁବନେଶ୍ୱର,୩/୮ (ନି.ପ୍ର): ଅଧିକ ଅମଳ ପାଇଁ ସାରର ଆବଶ୍ୟକତା ଏକାନ୍ତ ଜରୁରୀ। କିନ୍ତୁ ଚଳିତ ଖରିଫ୍ ଚାଷରେ ସାର ଅଭାବରୁ ଚାଷ କ୍ଷେତ୍ର ବାଧାପ୍ରାପ୍ତ ହେବାକୁ ଯାଉଛି। ବର୍ତ୍ତମାନ ରୁଆ ବେଉଷଣର ଠିକଣା ସମୟରେ ରାଜ୍ୟରେ ଆବଶ୍ୟକ ପରିମାଣର ୟୁରିଆ ଓ ଅନ୍ୟାନ୍ୟ ସାରର ଘୋର ଅଭାବ ରହିଛି। କେନ୍ଦ୍ର ହେଉ କି ରାଜ୍ୟ ହେଉ ସାର ଯୋଗାଣ ଓ ବିତରଣରେ ଚାଷୀଙ୍କ ପ୍ରତି ଯେପରି ଅବହେଳା ପ୍ରଦର୍ଶନ କରୁଛନ୍ତି ଏହା ଅତ୍ୟନ୍ତ କ୍ଷୋଭର ବିଷୟ। ସରକାରଙ୍କ ଘୋଷଣା ଅନୁଯାୟୀ କୃଷି ଉତ୍ପାଦନ ବଢ଼ିବ କିପରି ଏବଂ ଚାଷୀର ଆୟ ୨୦୨୨କୁ ଦୁଇଗୁଣା ହେବ କିପରି ବୋଲି କିଷାନ କଂଗ୍ରେସ ଅଧ୍ୟକ୍ଷ ପ୍ରଶ୍ନ କରିଛନ୍ତି। ରାଜ୍ୟର କୋଟା ଅନୁଯାୟୀ କେନ୍ଦ୍ର ଜୁଲାଇ ମାସ ସୁଦ୍ଧା ୨ ଲକ୍ଷ ୧୦ ହଜାର ମେଟ୍ରିକ୍ ଟନ୍ ୟୁରିଆ ଦେବା ପରିବର୍ତ୍ତେ ମାତ୍ର ୧ଲକ୍ଷ ୪୫ ହଜାର ଟନ୍ ୟୁରିଆ, ୧ଲକ୍ଷ ୫୨ ହଜାର ମେଟ୍ରିକ୍ ଟନ୍ ଡିଏପି ପରିବର୍ତ୍ତେ ୯୮ ହଜାର ମେଟ୍ରିକ୍ ଟନ୍, ଏନ୍‌ପିକେ ୧ ଲକ୍ଷ ୫ ହଜାର ମେଟ୍ରିକ୍ ଟନ୍ ପରିବର୍ତ୍ତେ ୬୭ ହଜାର ମେଟ୍ରିକ୍ ଟନ. ଏମଓପି ୬୧ ହଜାର ମେଟ୍ରିକ୍ ଟନ୍ ପରିବର୍ତ୍ତେ ୪୩ ହଜାର ମେଟ୍ରିକ୍ ଟନ୍ ସାର ରାଜ୍ୟ ପାଇଛି। ମୋଟାମୋଟି ଜୁଲାଇ ମାସ ସୁଦ୍ଧା ମୋଟ୍ କେନ୍ଦ୍ରର ଏଗ୍ରିଡ ସପ୍ଲାଇ ୫ ଲକ୍ଷ ୫୭ ହଜାର ମେଟ୍ରିକ୍ ଟନ୍‌ରୁ ମାତ୍ର ୩ଲକ୍ଷ ୯୦ ହଜାର ୯୭୦ ମେଟ୍ରିକ୍ ଟନ୍ ସାର ମିଳିଛି।

# ଷ୍ଟାଫ ସିଲେକସନ କମିଶନ କାର୍ଯ୍ୟାଳୟ ଆଗରେ ଛାତ୍ର କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର,୩/୮ (ନି.ପ୍ର): ଓଡ଼ିଶା ଷ୍ଟାଫ ସିଲେକସନ କମିସନ ମହାଦୁର୍ନୀତି ପ୍ରତିବାଦରେ ସୋମବାର ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ କମିସନ କାର୍ଯ୍ୟାଳୟ ସମ୍ମୁଖରେ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା। ଛାତ୍ର କଂଗ୍ରେସ କର୍ମକର୍ତାମାନେ ଏ.ଡି.ଏମ୍. ଅଫିସଠାରୁ ଏକ ବିକ୍ଷୋଭ ଶୋଭାଯାତ୍ରାରେ ବାହାରି ଷ୍ଟାଫ୍‌ସିଲେକସନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ବିକ୍ଷୋଭରତ ଛାତ୍ର କଂଗ୍ରେସ ସଭାପତି ଓ କର୍ମକର୍ତାଙ୍କୁ ପୋଲିସ ଷ୍ଟାଫସିଲେକସନ କମିଶନ କାର୍ଯ୍ୟାଳୟ ସମ୍ମୁଖରୁ ବଳପୂର୍ବକ ଉଠାଇ ନେଇଥିଲା। ଏହି ପରିପ୍ରେକ୍ଷୀରେ ଶ୍ରୀ ନୱାଜ କହିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଛାତ୍ରଛାତ୍ରୀମାନଙ୍କର ଭବିଷ୍ୟତକୁ ଅପହରଣ କରିଛନ୍ତି। ଷ୍ଟାଫ୍ ସିଲେକସନ କମିସନ ଦୁର୍ନୀତିର ଗନ୍ତାଘର। ଏହାର କାନ୍ଥବାଡ଼ରେ ଅଦୃଶ୍ୟଭାବେ ଲେଖା ହୋଇଛି- "ପଇସା ଦିଅ, ଚାକିରି ନିଅ"। ନିଯୁକ୍ତି ଦୁର୍ନୀତିର ଚେର ସଚିବାଳୟର ତୃତୀୟ ମହଲା ପର୍ଯ୍ୟନ୍ତ ଲମ୍ବିଛି। କେବଳ ଜଣେ କିରାଣୀକୁ ଧରି ସରକାର ବିରାଟ ମହାଦୁର୍ନୀତିକୁ ଚପାଇ ଦେବାକୁ ଚାହୁଁଛି। ଷ୍ଟାଫ ସିଲେକସନର ଅଧ୍ୟକ୍ଷ ଠାରୁ ସମସ୍ତ ସଭ୍ୟ ଏଥିରେ ସଂପୃକ୍ତ। ନବୀନ ସରକାରଙ୍କର ୨୧ ବର୍ଷରେ ୯୦% ଚାକରୀ ବିକ୍ରି ହୋଇଛି। ମାତ୍ର ଛାତ୍ର କଂଗ୍ରେସ ହାଇକୋର୍ଟ ତତ୍ୱାବଧାନରେ ତଦନ୍ତ ଦାବି କରୁଛି କାରଣ ଭିଜିଲାନ୍ସ ନବୀନ ସରକାରଙ୍କୁ ସୁରକ୍ଷା ଦେବ ଏବଂ ତଦନ୍ତକୁ କିରାଣୀ ବିଂରଚି ସାହୁ ପାଖରେ ସୀମିତ ରଖିବା ସୁତରାଂ ଏରାଜ୍ୟର ଛାତ୍ରଛାତ୍ରୀଙ୍କ ସହିତ ୨୧ ବର୍ଷ ଧରି ନବୀନ ସରକାର ଖେଳଖେଳୁଛନ୍ତି। "ପାଠପଢ଼ି ପଢ଼ି ଛାତ୍ର ବେହାଲ, ନବୀନ ସରକାର ଚାକିରୀ ଦଲାଲ"। ଏହି କାର୍ଯ୍ୟକ୍ରମରେ ବିଧାୟକ ସୁରେଶ କୁମାର ରାଉତରାୟ, ମାନସ ଚୌଧୁରୀ, ଦେବାଶିଷ ପଟ୍ଟନାୟକ, ସତ୍ୟ ନାୟକ, ରଜତ ଚୌଧୁରୀ ଓ ବିଶ୍ୱଜିତ ଦାଶ ଅଂଶଗ୍ରହଣ କରିଥିଲେ।

# ଦର୍ଶକଙ୍କ ନିମନ୍ତେ ଖୋଲିଲା ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟ-କଳାଭୂମି

ଭୁବନେଶ୍ୱର,୩/୮ (ନି.ପ୍ର): ଆଜି ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟ-କଳାଭୂମି ଦର୍ଶକଙ୍କ ନିମନ୍ତେ ଖୋଲାଯାଇଛି। ସରକାରଙ୍କ ଅନୁମୋଦିତ କୋଭିଡ୍ ନିର୍ଦ୍ଦେଶାବଳୀ ପାଳନପୂର୍ବକ ଏହି ସଂଗ୍ରହାଳୟ ଖୋଲା ରହିବ। ସଂଗ୍ରହାଳୟ ଖୋଲିବ। ପରେ ଦର୍ଶକଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେବା ପାଇଁ ସଂଗ୍ରହାଳୟ କର୍ମଚାରୀ ଏବଂ କର୍ତ୍ତୃପକ୍ଷ ପ୍ରସ୍ତୁତ ରହିଛନ୍ତି। କ୍ୟାମ୍ପସ୍‌ରେ ଥର୍ମାଲ ସ୍କାନିଂ, ପର୍ଯ୍ୟାପ୍ତ ହ୍ୟାଣ୍ଡ ସାନିଟାଇଜର ଉପଲବ୍ଧ କରାଯାଇଛି। ସାମାଜିକ ଦୂରତ୍ୱକୁ ସୁନିଶ୍ଚିତ କରିବା ପାଇଁ ସଂଗ୍ରହାଳୟ ପରିସରକୁ ୬ ଫୁଟ ବ୍ୟବଧାନରେ ଚିହ୍ନିତ କରାଯାଇଛି। ଅଧିକନ୍ତୁ, ସଂଗ୍ରହାଳୟ ସମସ୍ତ କର୍ମଚାରୀ ଓ କର୍ତ୍ତୃପକ୍ଷଙ୍କ ସହିତ ସଂକ୍ଷିପ୍ତ ଅଧିବେଶନ କରାଯାଇ ଭ୍ରମଣକାରୀଙ୍କୁ କିପରି ସୁରକ୍ଷିତ ଭାବେ ବୁଲିଦେଖିବା ସୁନିଶ୍ଚିତ କରାଯାଇ ପାରିବ ସେ ସମ୍ପର୍କରେ ଅବଗତ କରାଯାଇଛି। ସଂଗ୍ରହାଳୟଟି ୨୦୧୮ ମସିହାରେ ଉଦ୍‌ଘାଟନ କରାଯାଇଥିଲା। ଏଠାରେ ୮ଟି କକ୍ଷ, ମୁକ୍ତାକାଶ ରଙ୍ଗମଂଚ, ପିଲାମାନଙ୍କ ମନୋରଞ୍ଜନ ନିମନ୍ତେ ଖୋଳପଡ଼ିଆ, କର୍ମଶାଳା, ସ୍ମରଣିକା ବିକ୍ରୟ କେନ୍ଦ୍ର, କ୍ୟାଂଟିନ୍ ଓ କାଫେର ବ୍ୟବସ୍ଥା କରାଯାଇଛି। ସଂଗ୍ରହାଳୟଟିର ବିସ୍ତୃତତା ଏବଂ ଚିତାକର୍ଷକ କଳାକୃତି ତଥା ଏହାର ସ୍ଥାନୀୟ ସ୍ଥାପତ୍ୟ ପାଇଁ ଏହା ବେଶ୍ ଜଣାଶୁଣା ଆଉ ପର୍ଯ୍ୟଟକଙ୍କ ଦ୍ୱାରା ଆଦୃତ ହୋଇପାରିଛି। ପୂର୍ବପରି ସ୍ମରଣିକା ବିକ୍ରୟକେନ୍ଦ୍ର ପର୍ଯ୍ୟଟକଙ୍କ ନିମନ୍ତେ ଖୋଲାଅଛି। ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟ-କଳାଭୂମିର ଟିମ୍ ଦର୍ଶକଙ୍କୁ ସଂଗ୍ରହାଳୟ ପରିସରକୁ ପୁନର୍ବାର ଫେରାଇ ଆଣିବାକୁ ସର୍ବଦା ପ୍ରୟାସ କରୁଛି। ସଂଗ୍ରହାଳୟ ସମ୍ବନ୍ଧିତ ସବିଶେଷ ସୂଚନା ଏହାର ୱେବ୍‌ସାଇଟ୍‌ରେ ଉପଲବ୍ଧ ହେଉଛି।

# ମନରେଗା ଯୋଜନାରେ ବ୍ୟାପକ ଦୁର୍ନୀତି ଅଭିଯୋଗ ଆଣିଲା ବିଜେପି

## ଶାସକ ଦଳର ମାଫିଆମାନେ ଗରିବଙ୍କ ଅର୍ଥକୁ ହରିଲୁଟ୍ କରୁଛନ୍ତି

ଭୁବନେଶ୍ୱର,୩/୮ (ନି.ପ୍ର): ମହାତ୍ମାଗାନ୍ଧୀ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନାରେ ସରକାରୀ ଅଫିସର ଓ ବିଧାୟକଙ୍କ ପୋତ୍ସାହନରେ ଶାସକ ଦଳର ମାଫିଆମାନେ ଗରିବଙ୍କ ଅର୍ଥକୁ ହରିଲୁଟ୍ କରୁଛନ୍ତି ବୋଲି ବିଜେପି ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ ଅଭିଯୋଗ କରିଛନ୍ତି।

ଶ୍ରୀ ହରିଚନ୍ଦନ କହିଛନ୍ତି ଯେ, ଗତ ୭ ବର୍ଷରେ ମୋଦି ସରକାର ମହାତ୍ମାଗାନ୍ଧୀ ନିଶ୍ଚିନ୍ତ କର୍ମନିଯୁକ୍ତି ଯୋଜନାରେ ଓଡିଶା ପ୍ରଦେଶକୁ ୧୬ ହଜାର କୋଟି ଟଙ୍କାର ଅନୁଦାନ ପ୍ରଦାନ କରିଛନ୍ତି। ମହାମାରୀ ପରିସ୍ଥିତିରେ ସମଗ୍ର ଦେଶରେ ୧ ଲକ୍ଷ କୋଟି ଟଙ୍କାର ଏନଆରଜିଏର କାମ ହେବ ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରି ୨୦୨୦-୨୧ର ଆର୍ଥିକ ବର୍ଷରେ ୪୪୩୬ କୋଟି ଟଙ୍କା ଅନୁଦାନ ପ୍ରଦାନ କରିଥିଲେ। କିନ୍ତୁ ୪୦ପ୍ରତିଶତରୁ ଅଧିକ କାମ ମିଥ୍ୟା ବିଲ୍ ଆକାରରେ ବିଭିନ୍ନ ବ୍ଲକରେ ବିଲ୍ କରାଯାଇଛି। ଆଜି ଯଦି ବାସ୍ତବିକ ଭାବରେ ତଦନ୍ତ କରାଯାଏ ୩୧୪ ବ୍ଲକର ୩୧୪ଜଣ ବିଡିଓ ଓ ୬୦୦୦ ଜିଆରଏସ୍ ଏବଂ ୩୦୦୦ ରୁ ୪୦୦୦ ଜେଇ ସସ୍‌ପେଣ୍ଡ୍ ହେବେ। ଏହି ଯୋଜନାର ହିତାଧିକାରୀ ଗରିବ ଲୋକ ନା ବିଜେଡି ନେତା ରାଜ୍ୟ ସରକାର ତାହାର ଉତର ଦିଅନ୍ତୁ।

୧୫ ଦିନ ମଧ୍ୟରେ ରାଜ୍ୟ ସରକାର କେନ୍ଦ୍ରୀୟ ଅର୍ଥକୁ ଆତ୍ମସାତ୍ କରିଥିବା ଅପରାଧୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଆଗାମୀ ଦିନରେ ୩୧୪ବ୍ଲକ ଓ ୬ ହଜାର ପଂଚାୟତରେ ମନରେଗା ଯୋଜନା ଦୁର୍ନୀତି ବିରୁଦ୍ଧରେ ବ୍ୟାପକ ଜନ ଆନ୍ଦୋଳନ କରାଯିବ। ୩୧୪ ବ୍ଲକରୁ ୩୧୪ଟି ଦୁର୍ନୀତି ଓ ଭ୍ରଷ୍ଟାଚାରର ପ୍ରମାଣ ସଂଗ୍ରହ କରି ରାଜ୍ୟପାଳଙ୍କୁ ଓ କେନ୍ଦ୍ର ପଂଚାୟତରାଜ ମନ୍ତ୍ରୀଙ୍କୁ ଭେଟିବ ବିଜେପି। ଏହା ସହ ନ୍ୟାୟ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ସହ ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେବା ପାଇଁ କୋର୍ଟଙ୍କ ଆଶ୍ରୟ ନିଆଯିବ ବୋଲି ଶ୍ରୀ ହରିଚନ୍ଦନ ଚେତାବନୀ ଦେଇଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ ଘୁମୁସର ସାଙ୍ଗଠନିକ ଜିଲ୍ଲାର ସଭାପତି ମିଟୁ ମଲ୍ଲିକ, କଟକ ଜିଲ୍ଲା ବାଙ୍କୀ ନିର୍ବାଚନ ମଣ୍ଡଳୀର ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭ୍ରାଂଶୁ ମୋହନ ପାଢୀ, କଟକ ଜିଲ୍ଲା ସଭାପତି ପ୍ରକାଶ ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ ମଲ୍ଲିକ ଉପସ୍ଥିତ ଥିଲେ।

# ଲିଙ୍ଗରାଜ ମନ୍ଦିର ନିକଟ ସହସ୍ର ଶିବଲିଙ୍ଗ ପୁଷ୍କରିଣୀର ଦଳ ସଫେଇ

ଭୁବନେଶ୍ୱର,୩/୮ (ନି.ପ୍ର): ସହସ୍ର ଲିଙ୍ଗ ପୁଷ୍କରିଣୀ ତଥା ଦେବର ପାଦହରା ପୁଷ୍କରିଣୀରେ ଦଳ ଭର୍ତି। ଶ୍ରୀଲିଙ୍ଗରାଜ ମନ୍ଦିର ନିକଟ ଏହି ପୁଷ୍କରିଣୀର ଚାରିପଟେ ୧୦୮ ଶିବଲିଙ୍ଗ ମନ୍ଦିର ଥିବାରୁ ଏହା ପର୍ଯ୍ୟଟକଙ୍କ ଆକର୍ଷଣୀୟ କେନ୍ଦ୍ର। ହେଲେ ଦଳ ଭର୍ତି ଯୋଗୁଁ ପରିବେଶ ନଷ୍ଟ ହେବା ସହ ଡେଙ୍ଗୁ ଭୟ ସୃଷ୍ଟି କରିଛି। ପରିବେଶର ସୁରକ୍ଷା ଓ ଡେଙ୍ଗୁରୁ ରକ୍ଷା ପାଇଁ ଏଥିରେ ଥିବା ଦଳକୁ ସଫେଇ ଆରମ୍ଭ ହୋଇଛି। ସେବା ପ୍ରତିନିଧି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପିଡି ଏଚ୍‌ଆର୍‌ଆଇର କେନ୍ଦ୍ରୀୟ ସଚିବ ଲିଙ୍ଗରାଜ ସାହୁ ଯୋଗଦେଇ ସଫେଇ କରିବା ସହ ପରିବେଶ ସମ୍ପର୍କରେ ସଚେତନ କରିଥିଲେ। ସେବା ପ୍ରତିନିଧିର ନୀଳମଣି ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଶୋକ ମହାରଣା, ସରୋଜ କୁମାର ମହାନ୍ତି ଓ ବହୁ ସଭ୍ୟ ସାମିଲ ହୋଇଥିଲେ। ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ନିୟମିତ ସଫେଇ ହେବ ବୋଲି କୁହାଯାଇଛି।

# ମାନବାଧିକାର କମିଶନଙ୍କୁ ଦାବିପତ୍ର ଦେଲେ ଆକ୍ରମଣର ଶିକାର ଆନ୍ଦୋଳନକାରୀ

ଭୁବନେଶ୍ୱର,୩/୮ (ନି.ପ୍ର): ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକର ବିଭିନ୍ନ ପଂଚାୟତରେ ମନରେଗା ଯୋଜନାରେ ହୋଇଥିବା ଅର୍ଥ ବାଟମାରଣା, ତୋଷାରପାତ ଓ ବ୍ୟାପକ ଦୁର୍ନୀତି ବିରୋଧରେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କରି ଗତ ୧୫ ଦିନ ହେଲା ଚାଲିଥିବା ଧାରଣା ଉପରେ କିଛି ଦୁର୍ବୃର୍ତ୍ତ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏହି ମନରେଗା ଯୋଜନାରେ କାର୍ଯ୍ୟ କରିଥିବା ଶ୍ରମଜୀବୀମାନଙ୍କୁ ଧାର୍ଯ୍ୟ ପ୍ରାପ୍ୟ ଠାରୁ କମ୍ ମଜୁରୀ ଦେବା, କାମ ନକରିଥିବା ଲୋକଙ୍କୁ ଅର୍ଥ ପ୍ରଦାନ କରିବା, ଭୂତ ଜବକାର୍ଡ଼ ପ୍ରସ୍ତୁତ କରିବା ଏବଂ ମେସିନ୍ ମାଧ୍ୟମରେ କାର୍ଯ୍ୟ କରାଇ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ ଓ ହରିଲୁଟ କରିବାର ପ୍ରମାଣ ମିଳିବା ପରେ ଏହାର ପ୍ରତିବାଦରେ କ୍ଷତିଗ୍ରସ୍ତ ଲୋକଙ୍କ ପକ୍ଷରୁ ବ୍ଲକ ଓ ଜିଲ୍ଲା ପ୍ରଶାସନ ପାଖରେ ଅଭିଯୋଗ କରାଯାଇଥିଲା। ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ ବ୍ଲକ ଅଫିସ୍ ସମ୍ମୁଖରେ ଗ୍ରାମବାସୀମାନେ ଧାରଣା ଦେଇଥିଲେ। ଜିଲ୍ଲା ଓ ବ୍ଲକ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେବା ତ ଦୂରର କଥା ବରଂ ନୀରବଦ୍ରଷ୍ଟା ସାଜିବାରୁ ହରିଲୁଟ୍‌ରେ ସମ୍ପୃକ୍ତ ଅଭିଯୁକ୍ତମାନେ ଧାରଣାକାରୀଙ୍କୁ ଏଥିରୁ ଓହରି ନଗଲେ ହତ୍ୟା କରିବାର ଧମକ ଚମକ ଦେଇଥିଲେ। ଏସ୍‌ପିଙ୍କ ସହ ଏଥିନେଇ ଆଲୋଚନା ହୋଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ ଗତ ୨୭ ତାରିଖ ରାତି ୨ଟାରେ ସମ୍ପୃକ୍ତ ଅଭିଯୁକ୍ତମାନେ ଅସାମାଜିକ ଯୁବକମାନଙ୍କୁ ସାଙ୍ଗରେ ଆଣି ଆନ୍ଦୋଳନକାରୀଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ। ଅନୁସୂଚିତ ବର୍ଗର ବ୍ୟକ୍ତିମାନଙ୍କୁ ସେମାନଙ୍କ ଜାତି ନେଇ ଆକ୍ଷେପ କରିବା ସହ ମାଡ଼ ମାରିଥିଲେ ଏବଂ ମହିଳା ଆନ୍ଦୋଳନକାରୀଙ୍କ ଉପରେ ଅସଦ୍‌ଚାରଣର ଉଦ୍ୟମ ମଧ୍ୟ କରିଥିଲେ। ଧାରଣାସ୍ଥଳରେ ଥିବା ଆମ୍ବେଦକରଙ୍କ ଫଟୋକୁ ଭାଙ୍ଗି ପାଦରେ ଦଳିଦେବା ସହ ସେଠାରେ ଥିବା ଚେୟାରଗୁଡ଼ିକୁ ଭାଙ୍ଗିରୁଜି ଦେଇଥିଲେ। ଏସବୁ ସତ୍ତ୍ୱେ ଜିଲ୍ଲା ପୋଲିସ୍ ପ୍ରଶାସନ ପକ୍ଷରୁ ଘଟଣାକୁ ଗୁରୁତ୍ୱ ନଦେଇ ନାମକୁ ମାତ୍ର ଦୁଇଜଣଙ୍କୁ ଗିରଫ କରି, ମୁଖ୍ୟ ଆସାମୀଙ୍କୁ ଖୋଲା ଛାଡ଼ିଦେଇ ଘଟଣାକୁ ଚାପିଦେବାକୁ ଉଦ୍ୟମ କରାଗଲା। ଅପରପକ୍ଷରେ ଆକ୍ରମଣକାରୀଙ୍କ ଉପରେ ଅନୁସୂଚିତ ଜାତି ଓ ଜନଜାତି ନିର୍ଯାତନା ଆଇନ ଅନୁଯାୟୀ ଦଫା ଲଗାଇବା ପରିବର୍ତ୍ତେ ପୋଲିସ ସେମାନଙ୍କୁ ଘଂଟ ଘୋଡ଼ାଇବାକୁ ଚେଷ୍ଟା କରୁଥିବାରୁ ଆଜି ଯୁବ ସମାଜସେବୀ ଅମୀୟ ପାଣ୍ଡବ ଓ ବହୁଜନ ଯୁବଛାତ୍ର ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ଅନିଲ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଆକ୍ରମଣ ଶିକାର ହୋଇଥିବା ପୀଡ଼ିତା ରୀନା କାଣ୍ଡି ଏବଂ ପ୍ରିୟଙ୍କା ଭୋଇଙ୍କ ସମେତ ଏକ ୫ଜଣିଆ ପ୍ରତିନିଧି ମଣ୍ଡଳୀ ରାଜ୍ୟ ମାନବାଧିକାର କମିଶନର ଅଧ୍ୟକ୍ଷଙ୍କୁ ସାକ୍ଷାତ କରି କାର୍ଯ୍ୟାନୁଷ୍ଠାନ ନିମନ୍ତେ ଆବଦେନ ଓ ଆଲୋଚନା କରିଥିଲେ। କମିଶନ ମଧ୍ୟ ଏହି କେସ୍‌କୁ ପଞ୍ଜିକରଣ କରି ଜିଲ୍ଲା ଏସ୍‌ପିଙ୍କୁ ନୋଟିସ୍ କରିବା ସହ ଆସନ୍ତା ସେପ୍ଟେମ୍ବର ୨୬ ତାରିଖକୁ ବିଚାର ପାଇଁ ଦିନ ଧାର୍ଯ୍ୟ କରିଛନ୍ତି।

# ରାଜ୍ୟସ୍ତରୀୟ ଅନ୍‌ଲାଇନ୍ ବାଣିଜ୍ୟ କୁଇଜ୍ ପ୍ରତିଯୋଗିତା

ଭୁବନେଶ୍ୱର ,୩/୮ (ନି.ପ୍ର): ଦି କଷ୍ଟ ଆକାଉଣ୍ଟସ୍ ଅଫ ଇଣ୍ଡିଆ, ଭୁବନେଶ୍ୱର ଚାପ୍ଟର ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଯୁକ୍ତ ୨ ଓ ଯୁକ୍ତ ୩ ବାଣିଜ୍ୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ ଅନ୍‌ଲାଇନ୍ ବାଣିଜ୍ୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାର ପୁରସ୍କାର ବିତରଣୀ ଉତ୍ସବ ସିଏମ୍‌ଏ ପକ୍ଷରୁ ଅନ୍‌ଲାଇନ୍‌ରେ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ସୁଜିତ କୁମାର, ସ୍ୱତନ୍ତ୍ର ଅତିଥି ଭାବେ କଳାହାଣ୍ଡି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସଂଜୟ ଶତପଥୀ, ସମ୍ମାନିତ ଅତିଥି ଓଏଚ୍‌ପିସିର ଅର୍ଥ ନିର୍ଦ୍ଦେଶକ ପ୍ରଭାକର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଉଭୟ ଯୁକ୍ତ ୨ ଓ ଯୁକ୍ତ ୩ର ୫୦ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଯୁକ୍ତ ୨ ଓ ଯୁକ୍ତ ୩ର ପ୍ରଥମ କୃତୀ ପ୍ରତିଯୋଗୀଙ୍କୁ ୧୦ ହଜାର ଟଙ୍କା, ଦ୍ୱିତୀୟ ୫ହଜାର ଟଙ୍କା ଓ ତୃତୀୟ ୪ହଜାର ଟଙ୍କା ନଗଦ ରାଶି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଏନେଇ ଅଧ୍ୟକ୍ଷ ମୁକେଶ ଚୌବେ ଅନ୍‌ଲାଇନ୍‌ରେ ସୂଚନା ଦେଇଥିଲେ। ସେହିଭଳି ଉଭୟ ଶ୍ରେଣୀର ପରବର୍ତ୍ତୀ ୭ଜଣ କୃତୀ ପ୍ରତିଯୋଗୀଙ୍କୁ ୧ ହଜାର ଟଙ୍କା ଓ ମାନପତ୍ର ଦିଆଯାଇଥିଲା। ଉଭୟ ଶ୍ରେଣୀର ଅନ୍ୟ କୃତୀ ୪୦ ଜଣ ଛାତ୍ରଛାତ୍ରୀଙ୍କୁ ସ୍ୱଳ୍ପ ଅର୍ଥରାଶି ସହ ମାନପତ୍ର ପ୍ରଦାନ କରାଯାଇଥିଲା।

# ଖରିଫ ଋତୁରେ ଧାନ କିଣା ପାଇଁ ପଞ୍ଜିକରଣ ଆରମ୍ଭ

## ସମସ୍ତ ପ୍ରକୃତ ଚାଷୀ ମାନଙ୍କର ସଠିକ୍ ପଂଜୀକରଣ ପାଇଁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୩/୮ (ନି.ପ୍ର): ୨୦୨୦-୨୧ ଖରିଫ୍ ଋତୁରେ ଚାଷୀମାନଙ୍କ ଠାରୁ ଧାନକ୍ରୟ ନିମନ୍ତେ ପଂଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ସମସ୍ତ ପ୍ରକୃତ ଚାଷୀମାନଙ୍କର ସଠିକ୍ ପଂଜୀକରଣ ପାଇଁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ଖରିଫ୍ ଋତୁରେ କୌଣସି ପ୍ରକୃତଚାଷୀ ଯେପରି ଅନ୍‌ଲାଇନ୍ ଧାନକିଣା ପ୍ରକ୍ରିୟାରେ ଧାନ ବିକ୍ରୀ କରିବାକୁ ବଞ୍ଚିତ ନହୁଅନ୍ତି ସେଥିପ୍ରତି ପୂର୍ଣ୍ଣ ସଜାଗ ରହିବାକୁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଧାନକ୍ରୟ ପାଇଁ ଚାଷୀ ପଂଜୀକରଣ ଅଗ୍ରଗତି ବିଷୟ ସମୀକ୍ଷାକରି ମୁଖ୍ୟ ଶାସନ ସଚିବ ଏହି ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟ ଲୋକସେବା ଭବନରୁ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ବୀର ବିକ୍ରମ ଯାଦବ ଚାଷୀ ପଂଜୀକରଣ ଏବଂ ଧାନକ୍ରୟ ସମ୍ବନ୍ଧିତ ପ୍ରଶାସନିକ ଓ ବୈଷୟିକ ବିଷୟ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ।

ଜିଲ୍ଲାୱାରୀ ପଂଜୀକରଣ ବ୍ୟବସ୍ଥା ସମୀକ୍ଷାକରି କ୍ଷେତ୍ର-ସତ୍ୟାପନ ନିମନ୍ତେ ଆବଶ୍ୟକ ସଂଖ୍ୟାରେ ମିଳିତ ଟିମ୍ ଗଠନ କରିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ। କୃଷି ଓ କୃଷକ ସଶକ୍ତି କରଣ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ସମବାୟ ଏବଂ ଜଳ ସଂପଦ ବିଭାଗର କ୍ଷେତ୍ରସ୍ତରୀୟ ଅଧିକାରୀ ମାନଙ୍କୁ ସାମିଲ୍ କରି ଟିମ୍ ଗଠନ କରିବା ନିମନ୍ତେ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଟିମ୍ମାନେ କ୍ଷେତ୍ର ପରିଦର୍ଶନ କରି ଚାଷୀଙ୍କର ସବିଶେଷ ତଥ୍ୟ, ଚାଷ ହୋଇଥିବା ଜମିର କାଗଜପତ୍ର, କିସମ, ଧାନ ଚାଷର ଆକାର, ଜଳସେଚନ ଉତ୍ସ, ଚାଷୀଙ୍କର ବ୍ୟାଙ୍କ୍ ଆକାଉଣ୍ଟ, ମୋବାଇଲ୍ ନମ୍ବର ଆଦି ତନଖି କରି ଅନ୍-ଲାଇନ୍ ବ୍ୟବସ୍ଥାରେ ସଠିକ୍ ଭାବେ ପଂଜୀକରଣ ତଥ୍ୟପନ କରିବା ପାଇଁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ। ଉଭୟ କ୍ଷେତ୍ର ପରିଦର୍ଶନ ଏବଂ ସାଟେଲାଇଟ୍ ତଥ୍ୟ ମାଧ୍ୟମରେ ଧାନ ଚାଷର ସତ୍ୟାପନ ପାଇଁ ବୈଠକରେ ସ୍ଥିର ହୋଇଥିଲା। ଏହା ଫଳରେ ସମସ୍ତ ପ୍ରକୃତଚାଷୀ ନିଜ ନିଜ ଉତ୍ପାଦିତ ଧାନ ବିକ୍ରୀ ପାଇଁ ସୁଯୋଗ ପାଇବା ସହ ସମ୍ଭାବ୍ୟ ମଧ୍ୟସ୍ଥ ବେପାରୀଙ୍କୁ ବାଦ ଦିଆଯାଇ ପାରିବ। ଚାଷ ବିଷୟ ସତ୍ୟାପନ ପରେ ସଂପୃକ୍ତ ଚାଷୀଙ୍କୁ ପଂଜୀକରଣ ତଥ୍ୟ ଜଣାଇ ଦିଆଯିବ। ଚାଷୀ-ମାନଙ୍କର ଅଭିଯୋଗର ଶୁଣାଣୀ ସହ ସେସବୁର ଆଶୁ ସମାଧାନ ନିମନ୍ତେ ଉପଯୁକ୍ତ ବ୍ୟବସ୍ଥା କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ।

# ସ୍କୁଲ ବନ୍ଦ-ମିଶ୍ରଣ ନୀତି ସଂପୂର୍ଣ୍ଣ ପ୍ରତ୍ୟାହାର ଦାବିରେ ବିଦ୍ୟାଳୟ ସୁରକ୍ଷା କମିଟି ପକ୍ଷରୁ ବିକ୍ଷୋଭ

ଭୁବନେଶ୍ୱର,୩/୮ (ନି.ପ୍ର): ଉପସ୍ଥାନ କମ୍‌ଥିବା ଆଳ ଦର୍ଶାଇ ରାଜ୍ୟ ସରକାର୨୦୧୮ ମସିହାରେ ରାଜ୍ୟର ୧୪,୩୭୯ଟି ବିଦ୍ୟାଳୟ ବନ୍ଦ କରିବା ପାଇଁ ନିଷ୍ପତି ନେଇଥିଲେ ଏବଂକରୋନା ମହାମାରୀର ସୁଯୋଗ ନେଇ ଏହାକୁ ୨୦୨୦-୨୦୨୧ ଶିକ୍ଷାବର୍ଷରେ କାର୍ଯ୍ୟକାରୀ କରିବା ଆରମ୍ଭ କରିଥିଲେ। ସ୍କୁଲ ବନ୍ଦ-ମିଶ୍ରଣ ନୀତିକୁ ସଂପୂର୍ଣ୍ଣ ପ୍ରତ୍ୟାହାର କରିବା ସହିତ ତୁରନ୍ତ ବିଦ୍ୟାଳୟଗୁଡିକୁ ଖୋଲି ନାମଲେଖା ଆରମ୍ଭ କରିବା ଦାବୀରେ ଆଜି ବିଦ୍ୟାଳୟ ସୁରକ୍ଷା କମିଟି ପକ୍ଷରୁ ସାରା ଓଡିଶା ଦାବୀ ଦିବସ ପାଳନ କରାଯାଇଛି। ଏହି ଅବସରରେ ଆଜି ଭୁବନେଶ୍ୱର ରାଜ୍ୟ ସଚିବାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ମୁଖ୍ୟମନ୍ତ୍ରୀଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଛି। ଏହା ସହିତ ଗଞ୍ଜାମ, ବଲାଙ୍ଗିର, ଯାଜପୁର, ବାଲେଶ୍ୱର, କୋରାପୁଟ, ମୟୁରଭଞ୍ଜ, କେନ୍ଦୁଝର, ଭଦ୍ରକ ଆଦି ରାଜ୍ୟର ବିଭିନ୍ନ ସ୍ଥାନ ମାନଙ୍କରେ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମମାନ ଗ୍ରହଣ କରାଯାଇଛି। ତେଣୁ ଏହି ପରିସ୍ଥିତିରେ ରାଜ୍ୟ ସରକାର କାଳ ବିଳମ୍ବ ନକରି ସ୍କୁଲ ବନ୍ଦ-ମିଶ୍ରଣ ନୀତି ସଂପୂର୍ଣ୍ଣ ପ୍ରତ୍ୟାହାର କରିବନ୍ଦ କରାଯାଇଥିବା ସରକାରୀ ପ୍ରାଥମିକ ସ୍କୁଲଗୁଡିକୁ ତୁରନ୍ତ ଖୋଲି ନାମଲେଖା ଆରମ୍ଭ କରିବା ଦାବିରେ ଆଜି ବିଦ୍ୟାଳୟ ସୁରକ୍ଷା କମିଟି ପକ୍ଷରୁ ବିକ୍ଷୋଭ କରାଯାଇଛି। ଏହି ବିକ୍ଷୋଭରେ ଗଣେଷ ତ୍ରିପାଠୀ, ସୁବାସ ନାୟକ, ସିଦ୍ଧାର୍ଥ ରଥ, ବିନୋଦ ସେଠୀ, ଜୟନ୍ତ ମହାନ୍ତି, ନସିମ ସରକାର, ସପ୍ତର୍ଣ୍ଣୀ ରାଉଳ, ତରୁଣସେନ ନାୟକ ପ୍ରମୁଖ ବକ୍ତବ୍ୟ ରଖି ସରକାର ଯଦି ଦାବୀ ପୂରଣ ନକରନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରୀ ବ୍ୟାପକ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ରାୟବାହାଦୁର ବିଶ୍ୱନାଥ ପରିଡା ପରିବାରର ଶେଷ ଜମିଦାର ଅସୁସ୍ଥ

ଜଳେଶ୍ୱର, ୦୩/୮(ନି.ପ୍ର): ଇଂରେଜ ଅମଳରେ ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଜମାଲପୁରସ୍ଥିତ ରାୟବାହାଦୁର ବିଶ୍ୱନାଥ ପରିଡା ଭାରତ ସ୍ୱାଧୀନତା ପାଇବା କେଇଘଣ୍ଟା ପୂର୍ବରୁ ୧୯୪୭ ମସିହା ଅଗଷ୍ଟ ୧୪ ତାରିଖ ରାତିରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ବିଶ୍ୱନାଥ ପରିଡା ଏକାଧିକ୍ରମେ ସେ ଅଂଚଳରେ ବିଶ୍ୱନାଥ ଏକାଡେମୀ, ଚିକିତ୍ସାଳୟ, ଜମିଦାରୀ ମନ୍ଦିର, ଦୀନକୃଷ୍ଣ କଲେଜକୁ ଜମିଦାନ, ଜଳେଶ୍ୱର ତହସିଲ କାର୍ଯ୍ୟାଳୟ ପ୍ରତିଷ୍ଠା ଲାଗି ଜମିଦାନ, ରାସ୍ତାଘାଟ, ଦୁଃଖିରଙ୍କ ସେବାଲାଗି ବିଭିନ୍ନ କାର୍ଯ୍ୟକ୍ରମ ଇତ୍ୟାଦି କରି ଯଶସ୍ୱୀ ହୋଇଥିଲେ । ସେହି ପରିବାର ଶେଷ ଜମିଦାର ଭାବେ ଶ୍ରୀହରିଚରଣ ପରିଡା(୯୪) ଅସୁସ୍ଥ ହୋଇ ଶଯ୍ୟାସାୟୀ ଅଛନ୍ତି । ୧୯୪୨ ମସିହାରେ ମ୍ୟାଟ୍ରିକ ପାସ୍ କରି ସ୍ୱାଧୀନତା ପୂର୍ବରୁ ୧୯୪୭ରୁ ୧୯୫୧ ସରପଂଚଭାବେ କାର୍ଯ୍ୟ କରି ସୁଖ୍ୟାତି ଅର୍ଜନ କରିଥିଲେ । ସେ ରାଜନିତୀରେ ସକ୍ରିୟ ଭୂମିକା ଗ୍ରହଣ କରୁଥିବାରୁ ଦଳମତ ନିର୍ବିଶେଷରେ ସମସ୍ତେ ତାଙ୍କୁ ଆଦର କରୁଥିଲେ । ଏବେ ୯୪ ବର୍ଷ ବୟସରେ ସେ ଅସୁସ୍ଥ ଅଛନ୍ତି । ତାଙ୍କୁ ସାକ୍ଷାତ ପାଇଁ ବିଭିନ୍ନ ଅଂଚଳରୁ ବଂଧୁବାନ୍ଧବ ଓ ପରିଚିତ ବ୍ୟକ୍ତିମାନେ ଆସୁଥିବା ବେଳେ ସେ ଅଂଚଳର ନେତୃସ୍ଥାନୀୟ ବ୍ୟକ୍ତିମାନେ ତାଙ୍କର ଆର୍ଶିବାଦ ଭିକ୍ଷା କରି ତାଙ୍କର ଦୀର୍ଘ ଜୀବନ କାମନା କରିଛନ୍ତି ।

## ଆଜି ରାଜ୍ୟରେ ୧୭୦୨ କରୋନା ଆକ୍ରାନ୍ତ ସୁସ୍ଥ ହେଲେ

ଭୁବନେଶ୍ୱର,୦୩/୦୮ (ନି.ପ୍ର): ଆଜି ରାଜ୍ୟରେ ୧୭୦୨ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏହାସହିତ ରାଜ୍ୟରେ ସୁସ୍ଥ ହୋଇଥିବା କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ୯,୬୨,୦୮୮ରେ ପହଂଚିଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି । ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ସର୍ବାଧିକ ଖୋର୍ଦ୍ଧା ଜିଲ୍ଲାରୁ ୪୬୩, କଟକ ଜିଲ୍ଲାରୁ ୨୩୩ଜଣ ସୁସ୍ଥ ହୋଇଛନ୍ତି । ସେହିପରି ବାଲେଶ୍ୱରରୁ ୧୧୦, ଯାଜପୁର ଜିଲ୍ଲାରୁ ୧୦୮, ଭଦ୍ରକ ଜିଲ୍ଲାରୁ ୮୨ ଜଣ ସୁସ୍ଥ ହୋଇଛନ୍ତି । ସେହିପରି ଅନୁଗୁଳ ଜିଲ୍ଲାରୁ ୭୯, ମୟୂରଭଞ୍ଜରୁ ୭୨, ପୁରୀରୁ ୭୧, ଜଗତସିଂହପୁରରୁ ୫୬, ନୟାଗଡ଼ରୁ ୫୧, ସୁନ୍ଦରଗଡ଼ରୁ ୪୪ ଜଣ ସୁସ୍ଥ ହୋଇଛନ୍ତି । ସେହିପରି ଢେଙ୍କାନାଳ ଜିଲ୍ଲାରୁ ୪୩, କେନ୍ଦ୍ରାପଡ଼ାରୁ ୪୧, କେନ୍ଦୁଝରରୁ ୨୨, ସମ୍ବଲପୁରରୁ ୧୪, ନୂଆପଡ଼ା ଏବଂ ସୋନପୁରରୁ ୧୩ଜଣ ଲେଖାଏଁ, ବରଗଡ଼, କନ୍ଧମାଳ, କୋରାପୁଟ, ମାଲକାନଗିରିରୁ ୧୦ଜଣ ଲେଖାଏଁ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି ବୌଦ୍ଧ ଏବଂ ଦେଓଗଡ଼ରୁ ୯ଜଣ ଲେଖାଏଁ, ଗଞ୍ଜାମରୁ ୮, ବଲାଙ୍ଗୀରରୁ ୭, ରାୟଗଡ଼ାରୁ ୬, ଝାରସୁଗୁଡ଼ା ଏବଂ ନବରଙ୍ଗପୁରରୁ ୫, କଳାହାଣ୍ଡିରୁ ୪ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି ଷ୍ଟେଟ୍‌ପୁଲ୍‌ରୁ ୯୪ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ବୋଲି ଡିପାର୍ଟମେଂଟ ପକ୍ଷରୁ ସୂଚନା ମିଳିଛି ।

## ଏମୋନିଆ ଲିକ ବିପର୍ଯ୍ୟୟର ମୁକାବିଲା ନିମିତ୍ତ ମକଡ୍ରିଲ

ପାରାଦ୍ୱୀପ,୦୩/୦୮ (ନି.ପ୍ର): ପାରାଦ୍ୱୀପ ନେହେରୁ ବଙ୍ଗଳା ରାସ୍ତାରେ ଥିବା ଇଫକୋ କମ୍ପାନୀ ର ବେଲ୍ଟ ଲାଇନ ନିକଟରେ ଆୟୋଜିତ ହୋଇଯାଇଛି ଏମୋନିଆ ଲିକେଜ ଜନିତ ବିପର ?ୟୟ କୁ ଏଡାଇବା ନିମିତ୍ତ ଅଫସାଇଟ ବିପର୍ଯ୍ୟୟ ମକଡ୍ରିଲ । କୌଣସି ଜରୁରୀକାଳୀନ ପରିସ୍ଥିତି ଯେପରି ବନ୍ୟା, ବାତ୍ୟା ଓ କୌଣସି ବିପର୍ଯ୍ୟୟ ଘଟିବା ସମୟରେ ପାରାଦ୍ୱୀପ ରେ ଥିବା ସରକାରଖାନା ରେ ମହଜୁଦ ଥିବା ଏମୋନିଆ ଗ୍ୟାସ ଲିକେଜ ହେଲେ ଧନ ଜୀବନ ହାନି ହେବାର ଅନେକ ସମ୍ଭାବନା ଥାଏ । ତେଣୁ କୌଣସି ବିପର୍ଯ୍ୟୟ କାରଣରୁ ଏମୋନିଆ ଲିକ ହେଲେ ଏହାକୁ କିପରି ଭାବରେ ମୁକାବିଲା କରାଯାଇପାରିବ




ସେଥିନିମନ୍ତେ ଏକ ବିପର୍ଯ୍ୟୟ ମୁକାବିଲା ନିମିତ୍ତ ମକଡ୍ରିଲ ଆୟୋଜିତ ହୋଇଯାଇଛି । ଏଥିରେ ଏମୋନିଆ ଲିକେଜ ହେବାପରେ ଏହାକୁ କିପରି ରୋକାଯାଇ ପାରୁଛି ଏହାର ସମସ୍ତ କଳାକୌଶଳ ପ୍ରଦର୍ଶିତ ହୋଇଥିଲା । ଏହି ମକଡ୍ରିଲ ରେ ପାରାଦ୍ୱୀପ ବନ୍ଦର, ଇଫକୋ, ପି ପି ଏଲ ଓ ଆଇ ଓ ସି ଏଲ ରିଫାଇନେରୀ ର ସମସ୍ତ ସୁରକ୍ଷା କର୍ମୀ ଙ୍କ ସହିତ ପ୍ରଶାସନିକ ଅଧିକାରୀ, ଜଗତସିଂହପୁର ଜିଲ୍ଲା ପ୍ରଶାସନ ସହିତ ଏନ ଡ଼ି ଆର ଏଫ ଓ ଓଡିଶା ପୋଲିସ ସାମିଲ ଥିଲେ । ଆଜିର ଏହି କାର୍ଯ୍ୟକ୍ରମ ରେ ପାରାଦ୍ୱୀପ ବନ୍ଦର ମଧ୍ୟରୁ ଇଫକୋ ପ୍ଲାଣ୍ଟ କୁ ଯାଇଥିବା ଏମୋନିଆ ପାଇପ ଲାଇନ ଲିକେଜ ରେ କିପରି ବେହୋସ ହୋଇଯାଉଛନ୍ତି ସେମାନଙ୍କୁ କିପରି ଯୁଧ କାଳୀନ ଭିତ୍ତରେ ଉଦ୍ଧାର କରାଯାଇ ହସ୍ପିଟାଲ ନିଆଯାଇ ଜୀବନ ରକ୍ଷା କରାଯାଇପାରୁଛି ଏବଂ ଲିକେଜ ହୋଇଥିବା ଏମୋନିଆ ପାଇପ କୁ କିପରି ଭାବରେ ଲିକେଜ ବନ୍ଦ କରାଯାଉଛି ଏହାକୁ ନିଖୁଣ ଭାବରେ ପ୍ରଦର୍ଶିତ କରାଯାଇଥିଲା । ମକଡ୍ରିଲ ସାରିବା ପରେ ନିକଟରେ ଥିବା ଇମରଜେନ୍ସୀ ଆସେମ୍ବଲି ପଏଣ୍ଟ ଠାରେବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରଅଫସାଇଟ ବିପର୍ଯ୍ୟୟ ମକଡ୍ରିଲ ସମ୍ବର୍ଦ୍ଧିତସଭା ଅନୁଷ୍ଠିତ ହୋଇଥିଲା ।

## ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ

ଉଦଳା,୦୩/୦୮ (ନି.ପ୍ର): ୧୯୮୪ ମସିହା ଅଗଷ୍ଟ ମାସ ୩ ତାରିଖ ଦିନ ଉଦଳା ଟାଉନ କ୍ଲବ ଠାରେ ଉଦଳା ମହିଳା ମହାବିଦ୍ୟାଳୟ ନାମରେ ଏକ ଶିକ୍ଷାନୁଷ୍ଠାନ ଗଢ଼ି ଉଠିଥିଲା । ପରବର୍ତ୍ତି ସମୟରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ମହିୟସୀ ମହିଳା ଇନ୍ଦିରାଗାନ୍ଧୀଙ୍କ ତିରୋଧାନ ପରେ ଏହି ମହାବିଦ୍ୟାଳୟର ନାମକୁ ପରିବର୍ତ୍ତନ କରାଯାଇ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ନାମରେ ନାମିତ ହେଲା । ୧୯୮୭ ମସିହାରେ ରାଜ୍ୟ ସରକାରଙ୍କରଙ୍କ ଉଚ୍ଚ ଶିକ୍ଷା ବିଭାଗ ଉକ୍ତ ମହାବିଦ୍ୟାଳୟକୁ ଅନୁମତି ପ୍ରଦାନ କରିଥିଲେ । ପ୍ରଥମ ବର୍ଷ ଏହି ମହାବିଦ୍ୟାଳୟରେ ନାମ ଲେଖାଇଥିବା ୫ ଜଣ ଛାତ୍ରୀ ଘରୋଇ ଭାବରେ ପରୀକ୍ଷା ଦେଇ କୃତକାର୍ଯ୍ୟ ହୋଇଥିଲେ । ଏହି ଇତିହାସକୁ ସ୍ମରଣ କରାଇ ମହାବିଦ୍ୟାଳୟର ବର୍ତ୍ତମାନର ଅଧ୍ୟକ୍ଷା ଜୟଶ୍ରୀ ଚୌଧୁରୀ ତାଙ୍କର ଚାକିରି ଜୀବନର ପ୍ରଥମ ଦିନ କିପରି କଟିଥିଲା ସେ ବିଷୟରେ




ବର୍ଣ୍ଣନା କରିଥିଲେ । ମହାବିଦ୍ୟାଳୟ ପ୍ରତିଷ୍ଠା ଦିବସ ଦିନ କିଭଳି ପରିବେଶ ଥିଲା ସେ ସମ୍ପର୍କରେ ବକ୍ତା ମାନେ ଆଲୋକପାତ କରିଥିଲେ । ଏହାପରେ ଇନ୍ଦିରାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ, ଧୂପ, ଦୀପ ଅର୍ପଣ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା ରାଜ୍ୟ ସରକାରଙ୍କ କୋଭିଡ୍ ନିୟମ ଅନୁଯାୟୀ ନିରାଡ଼ମ୍ବର ଭାବରେ ଏହି ପ୍ରତିଷ୍ଠା ଦିବସକୁ ପାଳନ କରାଯାଇଥିଲା । ମହାବିଦ୍ୟାଳୟ ସ୍ଥାପନ କରିବାରେ ମୁଖ୍ୟ ପୁରୋଧା ସାଜିଥିବା ଜୟଚନ୍ଦ୍ର ପତ୍ରୀ, ୰ପୂର୍ବତନ ବିଧାୟକ ରାବରେଶ୍ୱର ମଢ଼େଇ, ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ପୂର୍ବତନ ନଗରପାଳ ଲକ୍ଷ୍ମୀକାନ୍ତ ବାରିକ, ଆଇନଜୀବି ଜ୍ଞାନ ରଂଜନ ଭୋଳ, ବସନ୍ତ କୁମାର ପରିଡ଼ା, ପ୍ରଭାତ ପରିଡ଼ାଙ୍କ ଉଦ୍ୟମକୁ ସମସ୍ତେ ଭୂୟସୀ ପ୍ରଶଂସା କରିଥିଲେ ।

## ସ୍କୁଲ ବନ୍ଦ ଓ ମିଶ୍ରଣ ନୀତି ବିରୋଧରେ ଡିଏସଓର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଜଳେଶ୍ୱର ୩/୮(ନି.ପ୍ର) : ରାଜ୍ୟରେ ୨୦୧୮ ମସିହାରେ ଶିକ୍ଷାବିଭାଗ ୧୪୩୭୯ ବିଦ୍ୟାଳୟରେ ସ୍ୱଳ୍ପ ସଂଖ୍ୟକ ଛାତ୍ରଛାତ୍ରୀ ଥିବା ଦର୍ଶାଇ ଆଣିଥିବା ନିୟମ ୨୦୨୦-୨୧ ମସିହାରେ କାର୍ଯ୍ୟକାରୀ କରିଛନ୍ତି । କିନ୍ତୁ ଏହା ସମ୍ବିଧାନର ଧାରା ୨୧(ଏ) ଓ ଆଇନ୍ ୨୦୦୯ ଓ ଅଧିନିୟମ ୨୦୧୦ର ବିରୋଧାଚରଣ କରୁଛି ବୋଲି ଡିଏସ୍‌ଓ ପକ୍ଷରୁ ଦର୍ଶାଯାଇଛି । ଗଣଶିକ୍ଷା ବିଭାଗର ଏପରି ଆଇନ୍‌କୁ ରାଜ୍ୟ ଉଚ୍ଚ ନ୍ୟାୟାଳୟ ୨୦୨୦ ମାର୍ଚ୍ଚ ୧୧ ତାରିଖରେ ଏହାକୁ ଅବୈଧ ବୋଲି ନିର୍ଦ୍ଦେଶ ଦେବା ସହିତ ବିଜ୍ଞପ୍ତିକୁ ରଦ୍ଦ କରିଛନ୍ତି । ୨୦ଜଣରୁ କମ୍‌ସଂଖ୍ୟକ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟକୁ ନିକଟସ୍ଥ ଅନ୍ୟ ବିଦ୍ୟାଳୟ ସହିତ ମିଶ୍ରଣ ଲାଗି ସରକାର ଆଇନ୍ କରିଥିଲେ । ଏହା ବିରୋଧରେ ଡିଏସ୍‌ଓ ରାଜ୍ୟବ୍ୟାପି ଆନ୍ଦୋଳନ କରିବା ସହିତ ପ୍ରତ୍ୟେକ ଜିଲାରେ ଅଭିଭାବକମାନଙ୍କ ଦ୍ୱାରା ବିଦ୍ୟାଳୟ ସୁରକ୍ଷା କମିଟି ଗଠନ କରି ଆନ୍ଦୋଳନ ଚଳାଇଥିଲା । ବାଲେଶ୍ୱର ଜିଲାର ଜଳେଶ୍ୱର ଗୋଷ୍ଠୀ ଶିକ୍ଷା ଅଧିନରେ ୧୦ଟି ବିଦ୍ୟାଳୟ ମିଶ୍ରଣ କରାଯାଇଛି । ଏବେ କରୋନା କଟକଣାପରେ ବିଦ୍ୟାଳୟ ଖୋଲିବାକୁ ଯାଉଥିବାରୁ ଏହି ସବୁ ବିଦ୍ୟାଳୟ ଖୋଲିବାଲାଗି ସରକାର ଅନୁମତି ଦେବାକୁ ଡିଏସ୍‌ଓ ପକ୍ଷରୁ କ୍ରିଷ୍ଣାରାଣୀ ସାହୁ, ଶଂକର ଚାନ୍ଦ, ମନୋରଂଜନ ଦାସ, ତପନ ଦାସ ପ୍ରମୁଖ ଜଳେଶ୍ୱର ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

## ତୃଣମୂଳ ସ୍ତରରେ ଦଳକୁ ମଜଭୁତ କରିବା ବିଜେଡିର ରଣ ନୀତି ଆରମ୍ଭ



ବାରିପଦା / କରଂଜିଆ,୦୩/୦୮ (ନି.ପ୍ର): ଠାକୁରମୁଣ୍ଡା ବ୍ଲକ ଅଧକ୍ଷ ପ୍ରଶାନ୍ତ ବେହାରଙ୍କୁ ବିଜେଡି ପକ୍ଷରୁ ରରୁଆଁ ବ୍ଲକ କୋଡ଼ିନେଟର ଭାବରେ ଦାୟିତ୍ୱ ମିଳିବା ପରେ ଶ୍ରୀଯୁକ୍ତ ବେହେରା ପ୍ରଥମ ଥର ରରୁଆଁ ଗସ୍ତରେ ଆସି ପଂଚାୟତ ସ୍ତରୀୟ ବିଜେଡି କର୍ମୀଙ୍କୁ ଭେଟିଛନ୍ତି । ଆଗାମୀ ଦିନରେ ଦଳକୁ ତୃଣମୂଳ ସ୍ତରରେ କିଭଳି ମଜଭୁତ କରାଯିବ ସେ ନେଇ କର୍ମୀ ମାନଙ୍କ ସହିତ ଆଲଚନା କରିଛନ୍ତି । ଆଲଚନା ସମୟରେ ଯଶିପୁର ନିର୍ବାଚନ ମଣ୍ଡଳିର ପୂର୍ବତନ ବିଧାୟକ ମଙ୍ଗଲ ସିଂ ମୁଦି, ବ୍ଲକ ସଭାପତି ଅମରେଶ ଭଞ୍ଜଦେଓ, ବ୍ଲକ ସଭାନେତ୍ରୀ ମିନତୀ ତିରିଆ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଗୋଲକ ବିହାରୀ ନାୟକ,୪୪ ନମ୍ବର ଜନ କୋଡ଼ିନେଟର ପତିତ କାରୁଆ, ଅଙ୍ଗାରପଦା ପଂଚାୟତ ସଭାପତି କାଳିପଦ ମହାନ୍ତ, ରରୁଆଁ ପଂଚାୟତ ସଭାପତି ଦୀନବନ୍ଧୁ ନାୟକ, ନରଷଣ୍ଡା ପଂଚାୟତ ସଭାପତି ଲକ୍ଷ୍ମଣ ବେହେରା, ଏବଂ ତ୍ରିଲୋଚନ ବେହେରା, ମଳୟ ଧଳ, ମଂଟୁ ମୁସଲିମ, ବବିତା ନାୟକ ପ୍ରମୁଖ ଆଲୋଚନା ବୈଠକରେ ଉପସ୍ଥିତ ଥିଲେ ।

## ଗାଁରେ ପାନୀୟ ଜଳ ପାଇଁ ଆମରଣ ଅନଶନରେ ବସିଲେ ଯୁବକ

ବାରିପଦା,୦୩/୦୮ (ନି.ପ୍ର): ସ୍ୱାଧୀନତାର ୭୩ ବର୍ଷ ପରେ ମଧ ଗାଁ ଲୋକଙ୍କୁ ମିଳୁନାହିଁ ମୌଳିକ ସମାସ୍ୟାର ସୁବିଧା । ସରକାରଙ୍କ ପ୍ରତିଶ୍ରୁତି ପାଲଟିଛି ପାଣିର ଗାର । ଶୁଦ୍ଧ ପିଇବା ପାଣି ଟୋପାଏ ପାଇଁ ଲୋକଙ୍କୁ ଏ ଅଫିସ ରୁ ସେ ଅଫିସକୁ ଦୌଡ଼ିବା ସହ ବାରମ୍ବାର ଗୁହାରୀ କରିବା ପରେମଧ ଫଳ ଶୁନ । ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା ବ୍ଲକ ଅନ୍ତର୍ଗତ ନୁଦଡିହା ଗ୍ରାମପଂଚାୟତ ଅଧିନରେ ଥିବା ନୁଆଗାଁ ଅଂଚଳରେ । ଗ୍ରାମର ଲୋକସଂଖ୍ୟା ପାଖାପାଖି ୧୪୦୦ ହୋଇଥିବା ବେଳେ, ଏଠାରେ ୭ଟି ନଳକୂପ ଖନନ କରା




ଯାଇଥିଲେ ମଧ୍ୟ ନଳକୂପ ଗୁଡିକରୁ ନିର୍ଗତ ହେଉଥିବା ପାଣି ଅପରିଷ୍କାର ଓ ଦୁର୍ଗନ୍ଧ ଯୁକ୍ତ ହୋଇଥିବାରୁ ଲୋକେ ସେହି ପାଣିକୁ ପିଇ ପାରୁନାହାଁନ୍ତି । ବସୁଧା ଯୋଜନାରେ ପାନୀୟ ଜଳ ଯୋଗାଇବା ପାଇଁ ଦୀର୍ଘ ୮ବର୍ଷ ହେବ କାମ ଚାଲୁଥିଲେ ମଧ ସଂପୂର୍ଣ୍ଣ ହୋଇପାରୁନାହିଁ । ଲୋକେ ନିରୁପାୟ ହୋଇ ବିଭିନ୍ନ ସମୟରେ ଚୁଆପାଣି ଉପରେ ଭରସା କରି ସେହି ଦୂଷିତ ପାଣି ପ୍ଲବ ରୋଗରେ ପଡୁଛନ୍ତି । ଏଥିପାଇଁ ଗ୍ରାମପଂଚାୟତ ଅଫିସ ଠାରୁ ଆରମ୍ଭ କରି କପ୍ତିପଦା ବ୍ଲକ ବିଡିଓଙ୍କୁ ଏବାବଦରେ ବାରମ୍ବାର ଜଣାଇବା ସହ ଆରଡବ୍ଲ୍ୟୁଏସଏସ କାର୍ଯ୍ୟାଳୟର ମଧ ଅଭିଯୋଗ କରିଛନ୍ତି ଗ୍ରାମବାସୀ । ହେଲେ କେହି ମଧ ଗ୍ରାମବାସୀଙ୍କ କଥା ନଶୁଣିବାରୁ ଗତ ଜୁନ ୯ତାରିଖରେ ଉଦଳା ଠାରେ ଉପଖଣ୍ଡ ଅଧିକାରୀ ଓ ଜୁଲାଇ ୧୯ତାରିଖରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ପାନୀୟ ଜଳ ସମସ୍ୟା ବିଷୟରେ ଲିଖିତ ଅଭିଯୋଗ ଜଣାଇଥିଲେ । ହେଲେ ପାନୀୟ ଜଳ ସମସ୍ୟାର ସମାଧାନ ନହେବାରୁ ଆଜି ବାଧ ହୋଇ ନୁଆଗାଁ ଗ୍ରାମର ସ୍ୱେଚ୍ଛାସେବୀ ଯୁବକ ଦୁଷ୍ମନ୍ତ ବେହେରା ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି । ଯେ ପର୍ଯ୍ୟନ୍ତ ଗାଁରେ ବିଶୁଦ୍ଧ ପାନୀୟ ଜଳ ନପହଂଚିଛି ସେ ପର୍ଯ୍ୟନ୍ତ ଏଠାରେ ଧାରଣାରତ ରହିବେ ବୋଲି କହିଛନ୍ତି ଦୁଷ୍ମନ୍ତ ଏବଂ ଉପସ୍ଥିତ ଗ୍ରାମବାସୀ ମାନେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଚମକାଇ ଦେଲା କରୋନା କାଳର....

ଭାବି ନଥିଲେ , ଏତେ ମାର୍କ ମିଳିବ ବୋଲି । କରୋନା ପାଇଁ ପରୀକ୍ଷା ବାତିଲ ହେବା ପରେ, ବିକଳ୍ପ ମୂଲ୍ୟାୟନ ପଦ୍ଧତିରେ ଛାତ୍ରଛାତ୍ରୀଙ୍କୁ ମାର୍କ ଦିଆଯାଇଥିଲା ।ଆଉ ନିଜ ପ୍ରତିକ୍ରିୟାରେ ଛାତ୍ରଛାତ୍ରୀମାନେ ବେଶ୍ ଖୁସି ପ୍ରକାଶ କରୁଥିଲେ । ସର୍ବଭାରତୀୟ ସ୍ତରରେ ଚଳିତ ବର୍ଷ ପାସ୍ ହାର ରହିଛି ୯୯ଦଶମିକ ୪ପ୍ରତିଶତ । ୨୦ଲକ୍ଷ ୭୬ ହଜାର ୯୯୭ପିଲା ପାସ୍ କରିଛନ୍ତି । ଚଳିତ ବର୍ଷ ୯୯ ଦଶମିକ ୨୪ ପ୍ରତିଶତ ଛାତ୍ରୀ ଏବଂ ୯୮ଦଶମିକ ୮୯ ପ୍ରତିଶତ ଛାତ୍ର ପାସ କରିଛନ୍ତି । ଛାତ୍ରଙ୍କ ତୁଳନାରେ ଶୂନ ଦଶମିକ ୩୫ ପ୍ରତିଶତ ଛାତ୍ରୀ ଆଗୁଆ ଅଛନ୍ତି । ଏପଟେ ଓଡ଼ିଶାରୁ ୪୩ହଜାର ୬୩୦ ଜଣ ପରୀକ୍ଷାର୍ଥି ପରୀକ୍ଷା ଦେଇଥିବା ବେଳେ ପାସ କରିଛନ୍ତି ୪୩ହଜାର ୨୮୮ ଜଣ । ଭୁବନେଶ୍ୱର ରିଜନରେ ୯୯ ଦଶମିକ ୬୨ପ୍ରତିଶତ ପିଲା ପାସ୍ କରିଛନ୍ତି । ଓଡିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ପକ୍ଷରୁ ରେଜଲ୍ଟ ୯୮ ଦଶମିକ୍ ୧୨ ପ୍ରତିଶତ ପାଇଛି । ପରୀକ୍ଷା ଦେଇଥିବା ୯ ହଜାର ୫୫୮ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯ ହଜାର ୩୭୮ ଛାତ୍ରଛାତ୍ରୀ ପାସ କରିଛନ୍ତି ।

### କରୋନା କମିଛି, ହେଲେ....

ରୋକିବା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ । ଆର ଫ୍ୟାକ୍ଟର ୧ ପ୍ରତିଶତ ଉପରେ ରହିବା, ଭୂତାଣୁ ବ୍ୟାପିବାକୁ ସୁଯୋଗ ଖୋଜୁଥିବାର ସଂକେତ ଦେଉଥାଏ । ସେହିପରି କେନ୍ଦ୍ର ଯୁଗ୍ମ ସ୍ୱାସ୍ଥ୍ୟ ସଚିବ ଲଭ ଅଗ୍ରୱାଲ କହିଛନ୍ତି, ଜୁନ୍ ଆରମ୍ଭରେ ଦେଶର ୨୭୯ଟି ଜିଲ୍ଲାରୁ ଦୈନିକ ଶହେରୁ ଅଧିକ ନୂଆ ସଂକ୍ରମିତ ଚିହ୍ନଟ ହେଉଥିଲେ । କିନ୍ତୁ ଏବେ ଦେଶର ମାତ୍ର ୫୭ଟି ଜିଲ୍ଲାରୁ ଦୈନିକ ଶହେରୁ ଅଧିକ ସଂକ୍ରମିତ ଚିହ୍ନଟ ହେଉଛନ୍ତି । ଅର୍ଥାତ ୨୨ଟି ଜିଲ୍ଲାରେ ସଂକ୍ରମଣ ଦ୍ରୁତ ଗତିରେ ହ୍ରାସ ପାଇଛି । କିନ୍ତୁ ସତର୍କ ରହିବାକୁ ପଡିବ ।

## ରୁସା ଯୋଜନାରେ ଓଡିଶାକୁ ଆର୍ଥିକ ଅନୁଦାନ ନେଇ ଗୃହରେ କେନ୍ଦ୍ରମନ୍ତ୍ରୀଙ୍କ ଉତ୍ତର

ନୂଆଦିଲ୍ଲୀ/ଭୁବନେଶ୍ୱର,୦୩/୦୮ (ନି.ପ୍ର): ରାଜ୍ୟରେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଗବେଷଣା ଏବଂ ନବସୃଜନକୁ ପ୍ରୋତ୍ସାହନ ଦେବା ସହ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ସରକାର ବର୍ତମାନ ସୁଦ୍ଧା ରାଜ୍ୟର ୩୦ଟି ଜିଲ୍ଲାର ୧୬୧ଟି ଉଚ୍ଚ ଶିକ୍ଷାନୁଷ୍ଠାନ ଗୁଡ଼ିକୁ କେନ୍ଦ୍ରୀୟ ଯୋଜନା ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ (ରୁସା) ଅଭିଯାନରେ ୩୯୫.୪୨ କୋଟି ଟଙ୍କା ଦେଇଛନ୍ତି ବୋଲି ସଂସଦରେ ଏ ସମ୍ପର୍କୀତ ପ୍ରଶ୍ନର ଲିଖିତ ଉତରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ରୁଷା ଅଭିଯାନ ଅନ୍ତର୍ଗତ ଓଡ଼ିଶାରେ ମହାବିଦ୍ୟାଳୟ ଗୁଡ଼ିକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ତଥା ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ଭିତିଭୂମିର ବିକାଶ, ଡିଗ୍ରୀ କଲେଜକୁ ଆଦର୍ଶ ଡ଼ିଗ୍ରୀ କଲେଜ ଭାବରେ ବିକଶିତ, ନୂତନ ମଡ଼େଲ ଡିଗ୍ରୀ କଲେଜ୍ ସ୍ଥାପନା ଏବଂ ରାଜ୍ୟ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ଗୁଣାତ୍ମକ ଶିକ୍ଷା ବଢ଼ାଇବା ପାଇଁ କେନ୍ଦ୍ରୀୟ ଅଂଶର ୩୯୫.୪୨ କୋଟି ଓଡ଼ିଶାକୁ ଦିଆଯାଇଛି । ଓଡ଼ିଶାର ୩୦ଟି ଜିଲ୍ଲାରେ ୧୬୧ଟି ଶିକ୍ଷାନୁଷ୍ଠାନକୁ ଏହି ଅର୍ଥ ପ୍ରଦାନ କରାଯାଇଛି । ରୁସା ଅଧୀନରେ ଅନୁଗୁଳର ୫ ଶିକ୍ଷାନୁଷ୍ଠାନ, ବଲାଙ୍ଗୀରରେ ୪ଟି, ବାଲେଶ୍ୱରରେ ୧୪, ବରଗଡ଼ରେ ୫, ବୌଦ୍ଧରେ ୨, ଭଦ୍ରକରେ ୪, କଟକରେ ୧୧, ଦେବଗଡ଼ରେ ୨, ଢ଼େଙ୍କାନାଳ ୬, ଗଜପତି ୪, ଗଞ୍ଜାମ ୧୦, ଜଗତସିଂହପୁର ୪, ଯାଜପୁରରେ ୭, ଜୟପୁରରେ ଗୋଟିଏ, ଝାରସୁଗୁଡ଼ାରେ ୪, କଳାହାଣ୍ଡିରେ ୫, କନ୍ଧମାଳରେ ୪, କେନ୍ଦ୍ରାପଡ଼ାରେ ୫, କେନ୍ଦୁଝରରେ ୫, ଖୋର୍ଦ୍ଧାରେ ୧୬, କୋରାପୁଟରେ ୪, ମାଲକାନଗିରିରେ ୨, ମୟୂରଭଞ୍ଜରେ ୮, ନବରଙ୍ଗପୁରରେ ଗୋଟିଏ, ନୟାଗଡ଼ରେ ୪, ନୂଆପଡ଼ାରେ ୩, ପୁରୀରେ ୫, ରାୟଗଡ଼ାରେ ୩, ସମ୍ବଲପୁରରେ ୬, ସୋନପୁରରେ ୨, ସୁନ୍ଦରଗଡ଼ ଜିଲ୍ଲାରେ ଥିବା ୫ଟି ଶିକ୍ଷାନୁଷ୍ଠନକୁ ରୁସା ଯୋଜନାରେ କେନ୍ଦ୍ରୀୟ ଅନୁଦାନ ଦିଆଯାଇଛି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି ।

## ଷ୍ଟାଫ ସିଲେକ୍ସନ କମିଶନ ଦୁର୍ନୀତିର ତଦନ୍ତ ଭାର ସିବିଆଇକୁ ଦିଆଯାଉ : ଇରାସୀସ

ଭୁବନେଶ୍ୱରଭୁବନେଶ୍ୱର,୦୩/୦୮(ନି.ପ୍ର): ଓଡିଶା ସରକାରଙ୍କ ଷ୍ଟାଫ ସିଲେକ୍ସନ କମିଶନ ଏକ ଚାକିରୀ ବିକ୍ରି କମିଶନରେ ପରିଣତ ହୋଇଛି । ସରକାରୀ ନିଯୁକ୍ତିରେ ମେଧା ପରିବର୍ତେ ଟଙ୍କା କାରବାର ମୁଖ୍ୟ ଯୋଗ୍ୟତା ହୋଇଛି । ଓଡିଶା ସରକାରେ ମୋ ସରକାର ୫-ଟି ସ୍ୱତନ୍ତ୍ର ବିଭାଗ ହେଲା ପରେ ରାଜ୍ୟରେ ଦୁର୍ନୀତି ବୃଦ୍ଧି ହୋଇଛି । ଏହି ବିଭାଗ ସମସ୍ତ ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ଆଇନସିଦ୍ଧ କରି ଦୁର୍ନୀତିରେ ସଂପୃକ୍ତ ପ୍ରଶାସନ ଅଧିକାରୀ ଓ ଶାସକଦଳର ନେତାଙ୍କୁ ସୁରକ୍ଷା ଦେଉଛି । ବିରଂଚୀ ସାହୁ କେତେ ପଇସା ନେଲେ, କେତେ ଫ୍ଲାଟ କିଣିଲେ, କେତେ ସୁନା କିଣିଲେ ସେକଥା ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, କେଉଁ ସରକାରୀ ବାବୁମାନେ ସବୁ ପଇସା ଦେଇ କେଉଁ ଜାଗାରେ ଚାକିରୀ କରୁଛନ୍ତି ତାହାର ତଦନ୍ତ କରାଯାଉ ବୋଲି ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ଇରାସିସ ଆଚାର୍ଯ୍ୟ ଦାବି କରିଛନ୍ତି । ରାଜ୍ୟରେ ବେକାରୀ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି । ବିଜେଡି ସରକାର ଯୁବପିଢୀଙ୍କୁ ରୋଜଗାର ଦେବାରେ ବିଫଳ ହୋଇଛି । ଟଙ୍କା ଦେଲେ ରାଜ୍ୟରେ ଚାକିରୀ ମିଳୁଛି । ଏହା ଫଳରେ ଅନେକ ଶିକ୍ଷିତଯୁବକ ଯୁବତୀଙ୍କ ଦକ୍ଷତା ଥାଇ ବି ସେ ଓଡିଶାରେ ଚାକିରୀ ନପାଇ ଅନ୍ୟ ରାଜ୍ୟକୁ ଦାଦନ ଖଟିବା ପାଇଁ ବାଧ ହେଉଛନ୍ତି । ବିରଂଚୀ ସାହୁଙ୍କ ପଛରେ କେଉଁ କେଉଁ ଧଳା ହାତୀମାନେ ସଂପୃକ୍ତ ଅଛନ୍ତି ତାହାର ତଦନ୍ତ କରାଯାଉ । ଏହା ସହ ଏହି ଘଟଣାରେ ସଂପୃକ୍ତ ଅନ୍ୟ ଅପରାଧୀମାନଙ୍କୁ ତୁରନ୍ତ ତଦନ୍ତ ପରିସରଭୁକ୍ତ କରାଯାଉ । ଏହି ଦୁର୍ନୀତିର ଚେର ଲୋକସେବା ଭବନର ତୃତୀୟ ମହଲା ଯାଏଁ ବ୍ୟାପିଥିବାରୁ ଏହି ଘଟଣାର ତଦନ୍ତ ଭାର ସିବିଆଇକୁ ଦିଆଯାଉ ବୋଲି ଶ୍ରୀ ଆଚାର୍ଯ୍ୟ ଦାବି କରିଛନ୍ତି । ବିଜେପି ଯୁବୋମର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ଇରାସିସ ଆଚାର୍ଯଙ୍କ ଆହ୍ୱାନକ୍ରମେ ଓଡିଶାର ୭୩ରୁ ଅଧିକ ସ୍ଥାନରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତଳିକା ଦାହ କରାଯାଇଥିଲା । ଭୁବନେଶ୍ୱରର ମାଷ୍ଟରକ୍ୟାଂଟିନ ଛକ ଠାରେ ଜିଲ୍ଲା ଯୁବମୋର୍ଚ୍ଚା ପକ୍ଷରୁ ମଧ ଜିଲ୍ଲା ସଭାପତି ରଶ୍ମିରଂଜନ ମହାପାତ୍ର ନେତୃତ୍ୱରେ ବିକ୍ଷୋଭ କରାଯାଇଥିଲା । ଏହି ଅବସରରେ ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧକ୍ଷା ଅର୍ପିତା ଅପରାଜିତା ବଡଜେନା, ଯୁବମୋର୍ଚ୍ଚା ପ୍ରଭାରୀ ତଥା ସାଧାରଣ ସଂପାଦକ ଦୀପକ ଗୋଛାୟତ, ପ୍ରକାଶ ଦଳେଇ, ରାଜ୍ୟ ସଂଯୋଜକ ସୁଜିତ ସାହୁ, ସଂଗ୍ରାମ ପାତ୍ର, ପ୍ରତୀକ୍ଷା ଆଚାର୍ଯ୍ୟ, ସୁବ୍ରତ ବିଶ୍ୱାଳ, ରତନ ଦିଗାଲଙ୍କ ସମେତ ଯୁବମୋର୍ଚ୍ଚା କାର୍ଯ୍ୟକର୍ତା ପ୍ରମୁଖ ଉପସ୍ଥିତ ଥିଲେ ।

## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସ୍ୱର୍ଗତ ନୀଳକଣ୍ଠ ପାଢୀଙ୍କ ସ୍ମୃତି ସଭା



ବଓଲିଆପାଳ,୦୩/୦୮ (ନି.ପ୍ର): ମୃତ୍ୟୁ ଚିରନ୍ତନ ସତ୍ୟ କିନ୍ତୁ ମଣିଷ ର ଅମଳିନ ଦିବ୍ୟ ପ୍ରତିଭା ତାଙ୍କୁ ଚିରଦିନ ପାଇଁ ଅମର କରି ରଖିଥାଏ ବୋଲି ବାଲିଆପାଳ ବ୍ଲକ ରତାଇ ପୁରୁଷୋତ୍ତମ ଉଚ୍ଚ ବିଦ୍ୟାଳୟ ରେ କର୍ମମୟ ଜୀବନ ଆରମ୍ଭ ଏବଂ ଶେଷ କରିଥିବା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସ୍ୱର୍ଗତ ଶ୍ରୀଯୁକ୍ତ ନୀଳକଣ୍ଠ ପାଢ଼ୀ ଙ୍କ ଉଦ୍ଦେଶ୍ୟ ରେ ବିଦ୍ୟାଳୟ ପରିସର ମଧରେ ଅନୁଷ୍ଠିତ ସ୍ମୃତି ସଭା ରେ ବିଶିଷ୍ଟ ବକ୍ତା ମାନେ ମତ ପ୍ରକାଶ କରିଛନ୍ତି ଛପୁରାତନ ଛାତ୍ର ସଂସଦ ର ସଭାପତି ଶ୍ରୀଯୁକ୍ତ ଅଜୟ କୁମାର ଦାସ ଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସ୍ମୃତି ସଭା ରେ ସ୍ୱର୍ଗତ ପାଢ଼ୀ ଙ୍କ ସହକର୍ମୀ ପଣ୍ଡିତ ଅନାଦି କୁମାର ପଣ୍ଡା, ସାରସ୍ୱତ ସାଧକ ଅନାଦି ଚରଣ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ କୀର୍ତ୍ତନ ଚନ୍ଦ୍ର ସାହୁ, ଶିକ୍ଷକ ଅଦୈତ ପାଢ଼ୀ, ବଂଶଧର ପରିଡା, ଛାତ୍ର ସଂସଦ ର ସଂପାଦକ ହିମାଂଶୁ ପଣ୍ଡା, ବିମଳ ସାହୁ, ପଞ୍ଚାନନ ପ୍ରଧାନ, ଆନନ୍ଦ ପ୍ରମାଣିକ, ମୀନତି ପଣ୍ଡା, ବାଞ୍ଛାନିଧି ସାମଲ, ସତ୍ୟ ରଞ୍ଜନ ସାମଲ ,କୁଞ୍ଜବିହାରୀ ବେହେରା, ମୁରଲୀଧର ନାୟକ, ବିଦ୍ୟାଧର ସାହୁ, କମଳା କାନ୍ତ ବାରିକ ସୂର୍ଯ୍ୟକାନ୍ତ ବାରିକ, ଅନନ୍ତ ରାଉତ ପ୍ରମୁଖ ଯୋଗଦେଇ ସ୍ମୃତି ଚାରଣ ସହିତ ଅମର ଆତ୍ମାର ସଦ୍ ଗତି କାମନା କରିଥିଲେ । ସେହିପରି ଏକାଦଶାହ ଅବସରରେ ଅନୁଷ୍ଠିତ ସ୍ମୃତି ସଭା ରେ ବିଶିଷ୍ଟ ଶିକ୍ଷାବିତ୍ ସୁଧାସିନ୍ଧୁ ସାହୁ ଅଧକ୍ଷତା କରି ଥିବା ବେଳେ ଧ୍ରୁବଚରଣ ସଂସ୍କୃତ ମହାବିଦ୍ୟାଳୟ ର ଅଧକ୍ଷ ପ୍ରିୟବ୍ରତ ପଣ୍ଡା, ଶିକ୍ଷକ ବିଜୟ କୁମାର ପାତ୍ର, ସମାଜସେବୀ ନାରାୟଣ ପାଣିଗ୍ରାହୀ,ସଂଜୀବ କୁମାର ପାଢ଼ୀ, ବସନ୍ତ କୁମାର ରାଉତ, ଶିକ୍ଷୟିତ୍ରୀ ରେବତୀ ଜେନା, ରଞ୍ଜନ ପଣ୍ଡା, ବରେନ୍ଦ୍ର ନାଥ କୁଲହଞ୍ଚରୀ, ନିଶିକାନ୍ତ ଗିରି, ନୟନ ପାଠି, ଶ୍ରୀକାନ୍ତ ଦାସ, ରଞ୍ଜନ ବେହେରା,ଭକ୍ତିପଦ ପଣ୍ଡା, କାଳୀପଦ ମହାପାତ୍ର, ରାମକୃଷ୍ଣ ପତି, ତପନ କୁମାର ପାଠି, ଅଜୟ କୁମାର ଦାସ,ସଂଜୟ ପାଣି, ମୃତ୍ୟୁଞ୍ଜୟ ପଣ୍ଡା, ଚିତ୍ତରଞ୍ଜନ ମିଶ୍ର, ଶୁକଦେବ ପାଣିଗ୍ରାହୀ, ପ୍ରିୟବ୍ରତ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ପାଢ଼ୀ ଙ୍କ ସ୍ମୃତି ଚାରଣ କରିଥିଲେ ।

# ଗୋଟିଏ ଦିନରେ ୧୧୨୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୦୩/୦୮(ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୧୨୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୮୦୮୬୬ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୯୬୦୩୮୬ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୧୪୩୨୫ରହିଛି । ଆଜି ଚିହ୍ନଟ ହୋଇଥିବା ୧୧୨୯ ଜଣଙ୍କ ମଧ୍ୟରୁ ୬୫୭ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୭୨ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୩୮୮ ଜଣ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୫୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୭୨ ଜଣ, ବରଗଡ଼ରୁ ୩ ଜଣ, ଭଦ୍ରକରୁ ୬୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୪, କଟକରୁ ୧୩୫, ଦେବଗଡ ଜିଲ୍ଲାରୁ ୮ ଜଣ, ଢେଙ୍କାନାଳ ଜିଲ୍ଲାରୁ ୭ ଜଣ, ଗଜପତି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଞ୍ଜାମରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୬୩ ଜଣ, ଯାଜପୁରରୁ ୪୮ ଜଣ, ଝାରସୁଗୁଡ଼ାରୁ ୬ଜଣ, କଳାହାଣ୍ଡିରୁ ୧ ଜଣ, କନ୍ଧମାଳ ଜିଲ୍ଲାରୁ ୪ ଜଣ. କେନ୍ଦ୍ରାପଡ଼ାରୁ ୬୬ ଜଣ, କେନ୍ଦୁଝରରୁ ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୩୮୮ ଜଣ, କୋରାପୁଟରୁ ୨ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।




# ଜାତୀୟ କୃମିନାଶକ କାର୍ଯ୍ୟକ୍ରମ ୧୦ରୁ



ବାଲେଶ୍ୱର,୦୩/୦୮ (ନି.ପ୍ର): ଆସନ୍ତା୧୦ତାରିଖରୁ ବାଲେଶ୍ୱର ଜିଲାରେ ଜାତୀୟ କୃମିନାଶକ ଔଷଧ ସେବନ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଅଗଷ୍ଟ ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଏଥିରେ ଜିଲାର ୧ରୁ ୧୯ ବର୍ଷର ସମସ୍ତ ପିଲାଙ୍କୁ କୃମିନାଶକ ଔଷଧ ଖୁଆଯିବ । ଏ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର ତାଲିମ କେନ୍ଦ୍ରରେ ଜିଲାସ୍ତରୀୟ ଟାସ୍କଫୋର୍ସ ବୈଠକଅନୁଷ୍ଠିତ ହୋଇଯାଇଛି । ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦୁଲାଳ ସେନ ଜଗଦେବ ଏଥିରେ ଅଧ୍ୟକ୍ଷତା କରିବା ସହିତ କୃମିନାଶକ ଔଷଧ ସେବନ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ । କୃମି ଯୋଗୁଁ ଶିଶୁ ରକ୍ତହୀନତା ଏବଂ ଅପପୁଷ୍ଟି ଜନିତ ରୋଗରେ ସଂକ୍ରମିତ ହେଉଥିବା ବେଳେ ତାର ଶାରୀରିକ ଓ ମାନସିକ ବିକାଶ ବାଧାପ୍ରାପ୍ତ ହୋଇଥାଏ । ତେଣୁ ସମସ୍ତ ଶିଶୁଙ୍କୁ କୃମିନାଶକ ଔଷଧ ଯେପରି ଦିଆଯାଇ ପାରିବ, ସେଥିନିମନ୍ତେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଏହି ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ବିଶେଷ କରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ , ସ୍କୁଲ ଓ ଗଣଶିକ୍ଷା ଏବଂ ମହିଳା ଓ ଶିଶୁ ବିକାଶ ଭଳି ବିଭାଗର ଅଧିକାରୀମାନେ ଏଥିପ୍ରତି ଯତ୍ନବାନ ହେବା ସହ ପରସ୍ପର ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଏଥିରେ ମତପ୍ରକାଶ ପାଇଥିଲା । ୧ବର୍ଷରୁ ୫ ବର୍ଷ ବୟସ ମଧ୍ୟରେ ଥିବା ଶିଶୁମାନଙ୍କୁ କୃମିନାଶକ ସିରପ ଦିଆଯିବାକୁ ଥିବା ବେଳେ ୬ବର୍ଷରୁ ୧୯ ବର୍ଷ ମଧ୍ୟରେ ଥିବା ପିଲାଙ୍କୁ କୃମିନାଶକ ବଟିକା ପ୍ରଦାନ କରାଯିବ । କୋଭିଡ୍-୧୯ ସଂକ୍ରମଣକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମ ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଛି । ଆଶା, ଅଙ୍ଗନବାଡ଼ି ଓ ସ୍ୱାସ୍ଥ୍ୟ କର୍ମୀମାନେ ପ୍ରତ୍ୟେକ ଘରକୁ ଯାଇ ସମସ୍ତ ପିଲାମାନଙ୍କୁ(୧-୧୯ବର୍ଷ) କୃମିନାଶକ ଔଷଧ (ଆଲବେଣ୍ଡାଜୋଲ) ଖୁଆଇବେ । ଏହି ସମୟରେ କରୋନା ସତର୍କତା ଅବଲମ୍ବନକୁ ଅଧିକ ଗୁରୁତ୍ୱ ଦିଆଯିବ। କୌଣସି ପରିବାରରେ କୋଭିଡ-୧୯ ରୋଗୀ ଥିଲେ ବା ସଦସ୍ୟଙ୍କଠାରେ କୋଭିଡ ଲକ୍ଷଣ ଥିଲେ ସେଠାରେ କୃମିନାଶକ ଔଷଧ କାର୍ଯ୍ୟକ୍ରମ ବନ୍ଦ କରି ବ୍ଲକ ଚିକିତ୍ସା ଅଧିକାରୀଙ୍କୁ ଅବଗତ କରାଯିବ । ସେହିପରି ଅସୁସ୍ଥ ପିଲାଙ୍କୁ ପରବର୍ତ୍ତୀ ସମୟରେ ଏହି କୃମି ଔଷଧ ପ୍ରଦାନ କରାଯିବ। ଏମିତିକି ଆବଦ୍ଧାଞ୍ଚଳରେ ଔଷଧ ସେବନ କାର୍ଯ୍ୟକ୍ରମ ପରବର୍ତ୍ତୀ ପର୍ଯ୍ୟାୟରେ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଜିଲାରେ ୮ ଲକ୍ଷ ୫୦ହଜାର ୩୨୦ ପିଲାଙ୍କୁ କୃମିନାଶକ ଦିଆଯିବାକୁ ଲକ୍ଷ୍ୟ ରଖାଯାଇଛି । ଜିଲ୍ଲାର ସମସ୍ତ ବ୍ଲକରେ ଯଥେଷ୍ଟ ପରିମାଣର ଔଷଧ ମହଜୁଦ ରଖାଯାଇଛି । ସେହିପରି ଭିଟାମିନ୍-ଏ ସପ୍ଲିମେଣ୍ଟେସନ ପ୍ରୋଗ୍ରାମ ଅନ୍ତର୍ଗତ କାର୍ଯ୍ୟକ୍ରମରେ ଅଗଷ୍ଟ ମାସ ସାରା ଜିଲାରେ ପ୍ରତ୍ୟେକ ବୁଧବାର ଦିନ(ନିୟମିତ ଟିକାକରଣ ଦିବସ) ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ ୯ମାସରୁ ୬୦ମାସ ବୟସ ଶିଶୁଙ୍କୁ ଭିଟାମିନ ଏ ସିରପ ଖୁଆଯିବ। ୯ରୁ ୧୨ ମାସ ଶିଶୁଙ୍କୁ ୧ମି.ଲି ଏବଂ ୧ରୁ ୫ବର୍ଷ ଶିଶୁଙ୍କୁ ୨ମି.ଲି. ଭିଟାମିନ-ଏ ଖୁଆଯିବ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୧ଲକ୍ଷ ୭୫ହଜାର ୫୯୬ ଶିଶୁଙ୍କୁ ଭିଟାମିନ-ଏ ଖୁଆଇବା ଲକ୍ଷ୍ୟ ରଖାଯାଇଛି । ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶଶାଙ୍କ ଶେଖର ଚୌଧୁରୀ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ ।ଏଡିଏମଓ ଡାକ୍ତର ପରେଶ ଚନ୍ଦ୍ର ନନ୍ଦୀ, ଡିପିଏମ ଅନୀଲ ମହାନ୍ତି ପ୍ରମୁଖ ଏହି ବୈଠକରେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଆର.ସି.ଏଚ. ଡେପୁଟି ମ୍ୟାନେଜର ଏଲିନା ସାମଲ ଏ ସମ୍ପର୍କିତ ବିଭିନ୍ନ ତଥ୍ୟ ବୈଠକରେ ଉପସ୍ଥାପନ କରିଥିଲେ ।

## ଓଏସଏସସିରେ ଦୁର୍ନୀତିକୁ ଜେଏମଏମ ଯୁବ ସଭାପତିଙ୍କ ନିନ୍ଦା

ବାରିପଦା,୦୩/୦୮ (ନି.ପ୍ର): ରାଜ୍ୟର ବେକାର ଯୁବକ ଯୁବତୀଙ୍କ ପ୍ରତି ଚରମ ଅବହେଳା କରି ଚାଲିଥିବା ଏବଂ ନିଯୁକ୍ତିରେ ପ୍ରିୟାପ୍ରୀତି ତୋଷଣ ଓ ଅନିୟମିତତା ଦିନକୁ ଦିନ ବଢି ଚାଲିଛି। ଓଏସଏସସି ସଦସ୍ୟଙ୍କ ବ୍ୟକ୍ତିଗତ ସଚିବ ବିରଂଚି ନାରାୟଣ ସାହୁଙ୍କ କେଳେଙ୍କାରୀ ଏବେ ସାମ୍ନାକୁ ଆସିଛି। ତାଙ୍କ ଘରୁ ଚାକିରି ପାଇଁ ଆଶାୟୀ ପ୍ରାର୍ଥୀଙ୍କ ଆଡମିଟ କାର୍ଡ଼ ଓ କୋଟି କୋଟି ଟଙ୍କା, ସୁନା ଗହଣା ଜବତ ଘଟଣା ପଦାକୁ ଆସିଛି। ଏହି ଦୁର୍ନୀତିଖୋର ଅଧିକାରୀଙ୍କ କାରନାମା ଓଏସଏସସିର ବିଶ୍ୱସନୀୟତା ଓ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କେତେବେଳେ ପ୍ରଶ୍ନପତ୍ର ଲିକତ କେତେବେଳେ ନିଯୁକ୍ତିରେ ହେରଫେରକୁ ନେଇ ଚର୍ଚ୍ଚା ହୋଇ ଆସୁଥିଲେ ହେଁ ଯୁବଛାତ୍ର ସମାଜର ଭବିଷ୍ୟତ ସହ ଖେଳ ଖେଳାଯାଉଥିବାରୁ ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି ଜେଏମଏମ ଜିଲ୍ଲା ଯୁବ ସଭାପତି ଅର୍ଜୁନ ମୁର୍ମୁ ଦୃଢ ନିନ୍ଦା କରିଛନ୍ତି ।

## ଲାଞ୍ଚ କାରବାର ଓ ଦୁର୍ନୀତି ବିରୋଧରେ ବିଜେପି ଯୁବମୋର୍ଚ୍ଚାର ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ




ଜଳେଶ୍ୱର ୩/୮(ନି.ପ୍ର): ରାଜ୍ୟର ଓଏସ୍ଏସ୍ସି ବିଭାଗର ହୋଇଥିବା ଲାଞ୍ଚ କାରବାର ଓ ଦୁର୍ନିତୀ ବିରୋଧରେ ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ଆଜି ବଡବଜାର ଛକ ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି । ରାଜ୍ୟ ବିଜେପି ଯୁବମୋର୍ଚ୍ଚା ସଭାପତି ଇରାସିଶ୍ ଆଚାର୍ଯ୍ୟ, ଜିଲ୍ଲା ସଭାପତି ରାଜେଶ ମହାପାତ୍ରଙ୍କ ଆହ୍ୱାନରେ ଜଳେଶ୍ୱର ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀଙ୍କ ତତ୍ୱାବଧାନରେ ଅପରାହ୍ନରେ ବିକ୍ଷୋଭ କରାଯିବା ସହିତ ନାରାବାଜି କରାଯାଇଥିଲା । ବିକ୍ଷୋଭକାରୀମାନେ ଶାସକ ଦଳକୁ କେତେକ ପ୍ରଶ୍ନ ପଚାରିବା ସହିତ ସ୍ଥାନୀୟ ବିଧାୟକଙ୍କୁ ଜବାବ୍ ମାଗିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଅରୁଣ ବେଜ, ରାମକୃଷ୍ଣ ସାହୁ, ଅଂଜନ ଦାସ, ତୁଷାର ଦେ, ରେଜାବୁଲ ଖାଁ, ମାନସ ପ୍ରଧାନ ପ୍ରମୁଖ ବହୁ ଯୁବକମାନେ ଅଂଶ ଗ୍ରହଣ କରିଥିଲେ ।

# ବନ୍ତ ବ୍ଲକ ଛୟାଳସିଂହ ପଞ୍ଚାୟତର ୨୦ ଯୁବନେତା ବିଜେପିରେ ସାମିଲ



ଭଦ୍ରକ,୦୩/୦୮ (ନି.ପ୍ର): ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀର ବନ୍ତ ବ୍ଲକ ଛୟାଳସିଂହ ପଞ୍ଚାୟତର ୨୦ରୁ ଉର୍ଦ୍ଧ୍ୱ ଯୁବନେତା ଆଜି ବିଜେପିରେ ସାମିଲ ହୋଇଛନ୍ତି । କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ତଥା ବିଜେପିର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀର ନେତା ବଦ୍ରିନାରାୟଣ ଧଳଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ଆଜି ଏହି ଯୁବନେତାମାନେ ଭଦ୍ରକ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ହେମନ୍ତ ପାଢୀଙ୍କଠାରୁ ଦଳୀୟ ଉତ୍ତରୀୟ ଗ୍ରହଣ କରିଛନ୍ତି । ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀ ଧଳଙ୍କ ସମେତ ବିଜେପିର ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, ମଣ୍ଡଳ ସଭାପତି ଖଗେଶ୍ୱର ବେହେରା, ଯୁବନେତା ସନ୍ତୋଷ ନାୟକ ପ୍ରମୁଖଙ୍କ ଉପସ୍ଥିତିରେ ଯୁବନେତା ରଘୁନାଥ ଦାସ, ଅମିୟ ରାଉତ, ମୁକ୍ତିକାନ୍ତ ରାଉତ, ରତିକାନ୍ତ ରାଉତ, ପରିକ୍ଷିତ ରାଉତ, ଅନିଲ ରାଉତ, ସଞ୍ଜୟ ଦାସ, ସୁବ୍ରତ କର, ଚିଣ୍ଟୁ ସାହୁ, ଅକ୍ଷୟ ଦାସ, ପତାପ ମଲ୍ଲିକ, ଚତୁର୍ଭୁଜ ରାଉତ, ଶୁଭାଶିଷ ସ୍ୱାଇଁ, ବାପୁନ ଯେନାଙ୍କ ସମେତ ୨୦ରୁ ଉର୍ଦ୍ଧ୍ୱ ଯୁବନେତା ବିଜେପିରେ ସାମିଲ ହୋଇଛନ୍ତି । ଏହି ଯୁବକଙ୍କ ଦଳରେ ଯୋଗଦାନ ଆଗାମୀ ଦିନରେ ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀର ଦଳୀୟ ସଂଗଠନକୁ ଆହୁରି ସୁଦୃଢ କରିବ ବୋଲି ଶ୍ରୀ ଧଳ ପ୍ରକାଶ କରିଛନ୍ତି ।

# 'ରୋଜଭ୍ୟାଲି'ସଂସ୍ଥା ଓଡ଼ିଶା ମୁଖ୍ୟ ବିକ୍ରମଜିତ ଭୌମିକ ଗଲେ ଜେଲ

ବାଲେଶ୍ୱର,୦୩/୦୮ (ନି.ପ୍ର): ଚିଟଫଣ୍ଡ ମାମଲାରେ ଦୀର୍ଘ ୯ ବର୍ଷ ଧରି ଫେରାର ଥିବା ରୋଜଭ୍ୟାଲିର ଓଡ଼ିଶା ମୁଖ୍ୟ ବିକ୍ରମଜିତ ଭୌମିକଙ୍କୁ ଗିରଫ ସହ ଆଜି କୋର୍ଟରେ ହାଜର କରାଯାଇଛି । ଅଧିକ ସୁଧର ଲୋଭ ଦେଖାଇ ସାଧାରଣ ଲୋକଙ୍କଠାରୁ କୋଟି କୋଟି ଟଙ୍କା ଠକି ନେଇ ଫେରାର ହୋଇ ପଶ୍ଚିମବଙ୍ଗରେ ଲୁଚିରହିଥିବା ଶ୍ରୀ ଭୌମିକଙ୍କୁ ମଙ୍ଗଳବାର ବାଲେଶ୍ୱର ଜମାକାରୀ ସୁରକ୍ଷା ଅଦାଲତରେ ପୁଲିସ ହାଜର କରିଛି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗ ହାଜତକୁ ପଠାଇ ଦିଆଯାଇଛି । ନିକଟ ଭବିଷ୍ୟତରେ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଶାଖା (ଇଓଡବ୍ଲ୍ୟୁ) ଶ୍ରୀ ଭୌମିକଙ୍କୁ ରିମାଣ୍ଡରେ ନେବ ବୋଲି ସୂଚନା ମିଳିଛି । ୨୦୧୩ ମସିହାରୁ ଫେରାର ଥିବା ଶ୍ରୀ ଭୌମିକଙ୍କୁ ଇଓଡବ୍ଲ୍ୟୁ ଟିମ ପଶ୍ଚିମବଙ୍ଗର ମଇନା ଅଞ୍ଚଳରୁ ଗିରଫ କରିଥିଲା । ୮ରୁ ୨୭ ପ୍ରତିଶତ ପର୍ଯ୍ୟନ୍ତ ସୁଧର ଲୋଭ ଦେଖାଇ ଏହି ଏହି ସଂସ୍ଥା ବାଲେଶ୍ୱର ସମେତ ଓଡ଼ିଶାର ଜମାକାରୀଙ୍କଠାରୁ ଶହ ଶହ କୋଟି ଟଙ୍କା ଠକି ନେଇଥିଲା । ସଂସ୍ଥା ବିରୋଧରେ ମାମଲା ରୁଜୁ ହେବା ପରେ ଏହାର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଗୌତମ କୁଣ୍ଡୁଙ୍କ ସମେତ ଶ୍ରୀ ଭୌମିକ ଫେରାର ହୋଇଯାଇଥିଲେ । ତେବେ ୨୦୧୫ ମସିହାରେ ଶ୍ରୀ କୁଣ୍ଡୁଙ୍କୁ ଗିରଫ ହୋଇଥିଲେ ବି ଶ୍ରୀ ଭୌମିକ ଅଦ୍ୟାବଧି ଫେରାର ଥିଲା । ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଇଓଡବ୍ଲ୍ୟୁ ତାଙ୍କୁ ଦୁଇଦିନ ପୂର୍ବରୁ ପଶ୍ଚିମବଙ୍ଗରୁ ଗିରଫ ସହ ଆଜି ବାଲେଶବର ଆଣି କୋର୍ଟର ହାଜର କରିଥିଲେ । ତାଙ୍କ ବିରୋଧରେ ୬ କୋଟିରୁ ଅଧିକ ଟଙ୍କାର ଚିଟଫଣ୍ଡ ଠକେଇ ମାମଲ ଥିଲା ।

# ବାଲିଗଦା ରୁ ଅଜଣା ମୃତ ଦେହ ଉଦ୍ଧାର

ପାରାଦ୍ୱୀପ,୦୩/୦୮ (ନି.ପ୍ର): ପାରାଦୀପ ବିଜୟ ଚାନ୍ଦପୁର ନିକଟ ବୋଟ କାରଖାନା ନିକଟ ବାଲିଗଦା ରୁ ଅଜଣା ମୃତ ଦେହ ଉଦ୍ଧାର କରାଯାଇଛି । ଘଟଣା ପ୍ରକାଶଯୋଗ୍ୟ ବିଜୟଚାନ୍ଦପୁର ଠାରେ ବୋଟ୍ ଆସୋସିଏସନ ଘର ନିର୍ମାଣ ପାଇଁ ବଡପାଳ ଗଡାରୁ ଦିର୍ଘ ପନ୍ଦର ଦିନ ତଳେ ପାଖାପାଖି ୨୦ ରୁ ୩୦ ଟ୍ରିପ୍ ବାଲି ଆସିଥିଲା । ତେବେ ଆଜି କିଛି ଶ୍ରମିକ କାମ କଲାବେଳେ ବାଲିରେ ପୋତି ହୋଇଥିବା ଏକ ମୃତ ଦେହ ଦେଖି ପାରାଦୀପ ଆଦର୍ଶ ଥାନାକୁ ଜଣାଇଥିଲେ । ପୋଲିସଓ ଜିଲ୍ଲାରସାଇଁଟିଫିକଟିମ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ତେବେ ଏହି ମୃତଦେହ ଏକ କଳା ରଙ୍ଗର ଜରିରେ ବନ୍ଧା ହୋଇଥିବା ବେଳେ ଜରି ଭିତରେ କେବଳ କଙ୍କାଳ ଦେଖାଯାଉଛି । ମୃତଦେହ ଟି ବ୍ୟବଛେଦ ପରେ କେହି ଫୋପାଡି ଦେଇଥିବା କିମ୍ବା କେହି ହତ୍ୟା କରି ଜରିରେ ଗୁଡ଼ାଇ ପୋତି ଦେଇଥିବା ଅନୁମାନ କରାଯାଉଛି । ତେବେ ଘଟଣାସ୍ଥଳରୁପୋଲିସ କଙ୍କାଳ ଉଦ୍ଧାର କରିବା ସହିତ ଏକ ଅପମୃତ୍ୟୁମାମଲା ୨୧/୨୧ରୁଜୁକରିମୃତଦେହ କାହାର ଓ ଏ ସ୍ଥାନକୁ କିପରି ଆସିଲା ସେନେଇ ଅଧିକ ତଦନ୍ତ ଜାରି ରଖିଛି । ଅଧିକ ତଥ୍ୟପାଇଁ ଆସନ୍ତାକାଲି କଟକ ସ୍ଥିତ ଏଫ୍.ଏମ.ଟି. ଲ୍ୟାବକୁନମୁନାପଠାହେବ । ଏହି ଦ୍ୱାରାଲିଙ୍ଗ,ବୟସ,ମୃତ୍ୟୁର କାରଣସହ ଅନ୍ୟାନ୍ୟ ବିଷୟରେ ସ୍ପଷ୍ଟୀକରଣ ମଧମିଳିବ ବୋଲି ପାରାଦୀପ ଆଦର୍ଶ ଥାନା ଅଧିକାରୀଙ୍କ ଠାରୁ ପ୍ରକାଶ ।

## ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ନେଇ ଏସପିଙ୍କୁ ଅଟଳ ଯୁବଶକ୍ତିର ଦାବିପତ୍ର

ବାଲେଶ୍ୱର,୦୩/୦୮ (ନି.ପ୍ର): ବାଲେଶ୍ୱରର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ବାଲେଶ୍ୱରର ଅନ୍ୟତମ ସ୍ୱେଚ୍ଛାସେବୀ ସଂଗଠନ 'ଅଟଳ ଯୁବଶକ୍ତି'ପକ୍ଷରୁ ମଙ୍ଗଳବାର ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ବିକାଶ ପାଢ଼ୀ, ଅରୂପ ଜେନା, ପ୍ରହ୍ଲାଦ ଦାସ, ତପନ ଦାସ, ସ୍ୱାଗତ ଶତପଥୀ ପ୍ରମୁଖଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଏସପି ସୁଧାଂଶୁ ଶେଖର ମିଶ୍ରଙ୍କୁ ସାକ୍ଷାତ କରି ସାମ୍ପ୍ରତିକ ବାଲେଶ୍ୱରର ଆଇନଶୃଙ୍ଖଳା ସ୍ଥିତି ଓ ବୃଦ୍ଧି ପାଇଥିବା ଅପରାଧିକ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ । ବିଶେଷ କରି ଜିଲାରେ ଥାନା ମାନଙ୍କରେ ଖାଲଇ ପଡ଼ିଥିବା ଅଫିସର ପଦବୀ ଯୁଦ୍ଧକାଳୀନ ଭିତ୍ତିରେ ପୂରଣ କରିବା, ବ୍ରାଉନସୁଗାର କାରବାର ରୋକିବା, ଜାତୀୟ ରାଜପଥ ସମେତ ସହରାଞ୍ଚଳର ପୁଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ ଜୋରଦାର କରିବା ଓ ଜିଲାରେ ମହିଳା ଥାନାର ପ୍ରତିଷ୍ଠା ଆଦି ପ୍ରସଙ୍ଗ ଉପରେ ଏହି ପ୍ରତିନିଧି ଦଳ ଆଲୋଚନା ବେଳେ ଗୁରୁତ୍ୱ ଦେଇଥିଲେ । ତୁରନ୍ତ ଏ ବାବଦରେ ଉଚିତ ପଦକ୍ଷେପ ଗ୍ରହଣ କରାନଗଲେ ସଂଗଠନ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଥିଲେ ।

## ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



### ✓ ନାରାୟଣ ସାହୁ

ନାରାୟଣ...ନାରାୟଣ
ସେବାରେ ଉତ୍ସର୍ଗ ଜୀବନ ତାଙ୍କର
ଦୟାଳୁ ସେ ଧର୍ମପରାୟଣ
ନାରାୟଣ ।
ରଥଯାତ୍ରା ମେଳା ମହୋତ୍ସବ
ବାଣ୍ଟନ୍ତିସେ ସେବା ସଦଭାବ
ସତସଙ୍ଗି ପ୍ରିୟ ପାରାୟଣ
ନାରାୟଣ ।
ତାଙ୍କପରି ଜଣେ ବନ୍ଧୁ ନାହିଁ
କଥାରେ ନିଅନ୍ତି ମନ ମୋହି
ହୃଦୟଟା ଖୋଲା ବାତାୟନ
ନାରାୟଣ ।
ସଭିଙ୍କୁ ମଣନ୍ତି ଆପଣାର
ଶତ୍ରୁ ହେଉ ଅବା ସହୋଦର

ଉଦାରତା ତାଙ୍କ ବଡ ଗୁଣ
ନାରାୟଣ ।
ଚାଲିଗଲେ ବନ୍ଧୁ ଅବେଳରେ
କାଳର କରାଳ କବଳରେ
ଝୁରୁଛନ୍ତି ପ୍ରିୟ ପରିଜନ
ନାରାୟଣ ।
ଜୀବନଟା ସାରା ଦୁଃଖ ସହି
ସୁଖ ଆସୁଆସୁ ଗଲେ ଶୋଇ
ଅଧା ରହିଗଲା କେତେ ସ୍ୱପ୍ନ
ନାରାୟଣ ।
ଦରଦୀ ମଣିଷ ତାଙ୍କ ପରି
କିଏ ହେବ ତାଙ୍କୁ ସତେ ସରି
ଅପାଶୋରା ତାଙ୍କ କଥାମାନ
ନାରାୟଣ ... ନାରାୟଣ ।

ନିବେଦକ : ଶୋକସନ୍ତପ୍ତ ପୁତ୍ର, ପୁତ୍ରବଧୂ, ପତ୍ନୀ ଓ ଆତ୍ମୀୟସ୍ୱଜନ ବନ୍ଧୁ ବାନ୍ଧବ

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo